Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଯୁଦ୍ଧ ଯୋଗୁ ଆମେରିକାରେ ମହଙ୍ଗା ମାଡ଼

ଇ-କମର୍ସଠୁ ଏୟାରଲାଇନ୍ସ ଯାଏଁ ସବୁ କ୍ଷେତ୍ରକୁ ଝଟ୍‌କା

ୱାଶିଂଟନ ଡିସି,୬/୪ : ଇରାନ ଯୁଦ୍ଧ ଆମେରିକା ପାଇଁ ଭାରୀ ପଡ଼ିଛି । ୩୮ ଦିନ ଧରି ଯୁଦ୍ଧ ଲଢ଼ି ଥକୁନାହିଁ ଇରାନ । ଏହା କ୍ରମେ ଆମେରିକାର ସମସ୍ୟା ବଢ଼ାଇ ଚାଲିଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଚରମବାଣୀକୁ ଖାତିର କରୁ ନାହିଁ ଇରାନ । ଆମେରିକାରେ ଯୁଦ୍ଧ ପ୍ରଭାବ ଜଳଜଳ ଦିଶିବାକୁ ଲାଗିଲାଣି । ବିଭିନ୍ନ କ୍ଷେତ୍ରରେ ଦରଦାମ ବୃଦ୍ଧି ଦେଶବାସୀଙ୍କ ନିଦ ହଜାଇ ଦେଇଛି । ଆମେରିକାରେ ତୈଳ ଦର ବୃଦ୍ଧି ପାଇବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହେଉଛି । ଇ-କମର୍ସ ସଂସ୍ଥାଠାରୁ ଏୟାରଲାଇନ୍ସ ପର୍ଯ୍ୟନ୍ତ ସବୁ କ୍ଷେତ୍ରକୁ ଝଟ୍‌କା ଦେଇଛି ଯୁଦ୍ଧ । ଡାକ ସେବା ମଧ୍ୟ ମହଙ୍ଗା ହୋଇଛି । ବିଶେଷଜ୍ଞଙ୍କ ମୁତାବକ, ଇରାନ ଯୁଦ୍ଧ ଯୋଗୁ ସମଗ୍ର ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଛି । ବିଭିନ୍ନ କ୍ଷେତ୍ରରେ ଦରଦାମ ସ୍ଥିତି ଉତ୍କଟ ହୋଇଛି । ଆମେରିକା ମଧ୍ୟ ଏଥିରୁ ସୁରକ୍ଷିତ ରହିପାରିବ ନାହିଁ । ରିପୋର୍ଟ ଅନୁସାରେ, ଆମାଜନ ନିଜ ଇ-କମର୍ସ ଡେଲିଭରି ଉପରେ ଇନ୍ଧନ ସରଚାର୍ଜ ଲଗାଇବା ପାଇଁ ଘୋଷଣା କରିଛି । କିଛି ଏୟାରଲାଇନ୍ସ ଇନ୍ଧନ ଦରବୃଦ୍ଧିର ଭରଣା ଲାଗି ଚେକ୍-ଇନ୍ ବ୍ୟାଗେଜ୍ ଉପରେ ଲାଗୁଥିବା ଦେୟକୁ ବଢ଼ାଇ ଦେଇଛନ୍ତି । ଆମେରିକାରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପାଇଛି । ଦେଶରେ ପେଟ୍ରୋଲର ହାରାହାରି ଦର ବଢ଼ି ଗ୍ୟାଲନ ପିଛା ୪.୦୯ ଡଲାର ହୋଇଥିଲା । ଯୁଦ୍ଧ ପୂର୍ବର ଦର ତୁଳନାରେ ଏହା ୧ ଡଲାରରୁ ଅଧିକ ହୋଇଛି । ଆମେରିକାନ ଅଟୋମୋବାଇଲ ସଂଘ (ଏଏଏ) ମୁତାବକ, ଦେଶରେ ଡିଜେଲ ଦର ଅହେତୁକ ବଢ଼ିଛି । ୧ ବର୍ଷ ପୂର୍ବେ ଏହା ଗ୍ୟାଲନ ପିଛା ୩.୬୪ ଡଲାର ଥିଲା । ଶୁକ୍ରବାର ଏହା ୫.୫୪ ଡଲାର ହୋଇଛି । ଡିଜେଲ ମହଙ୍ଗା ହେବା ଯୋଗୁ ଚାଷ, ନିର୍ମାଣ ଏବଂ ପରିବହନ ବ୍ୟତୀତ କେତେକ ଶିଳ୍ପ ଉଦ୍ୟୋଗ ଉପରେ ଗୁରୁତର ପ୍ରଭାବ ପଡୁଛି । ଏହାଯୋଗୁ କିଛି ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହେବାରେ ଲାଗିଛି । ୟୁରୋପୀୟ ଦେଶ ବି ଏଥିରୁ ତ୍ରାହି ପାଉନାହାନ୍ତି ।

ଆସାମରେ ମୋହନଙ୍କ ନିର୍ବାଚନ ପ୍ରଚାର

ସୋନାରି,୬/୪ (ଆସାମ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଆସାମରେ ନିର୍ବାଚନ ପ୍ରଚାର କରିଛନ୍ତି । ଶ୍ରୀ ମାଝୀ ଆସାମର ସୋନାରି ଓ ମାରିଆନି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ଆସାମର ପ୍ରତ୍ୟେକ ବର୍ଗର ଲୋକଙ୍କ ହିତ ସାଧିତ ହେଉଛି । ଗରିବ କଲ୍ୟାଣ ଓ ବିକାଶ କ୍ଷେତ୍ରରେ ଆସାମରେ ବିଜେପି ସରକାର ବହୁତ କିଛି କରିଛନ୍ତି । ଆମକୁ ଜିତାଇବା ପାଇଁ ଶ୍ରୀ ବିଶ୍ୱ ଶର୍ମା ୨୦୨୪ ନିର୍ବାଚନରେ ଓଡ଼ିଶାରେ ପ୍ରଚାର କରିଥିଲେ । ଏଥର ତାଙ୍କୁ ଜିତାଇବା ପାଇଁ ମୁଁ ଏଠାକୁ ପ୍ରଚାର ପାଇଁ ଆସିଛି । ବିଜେପି ପ୍ରତି ସମଗ୍ର ଆସାମ ଲୋକଙ୍କ ଆସ୍ଥା ଆହୁରି ଦୃଢ଼ୀଭୂତ ହେଉଛି । ଏଥର ଆସାମରେ ପୁଣି ଥରେ ଡବଲ ଇଞ୍ଜିନ୍ ସରକାର ଆସିବ ।

ଆଜାଦନଗର ବିସ୍ଫୋରଣ ଘଟଣା : ତଦନ୍ତ କରିବ ଏନଆଇଏ

ଭୁବେନଶ୍ୱର, ୬।୪(ନି/ପ୍ର): ରାଜଧାନୀ ଆଜାଦନଗର ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ କରିବ । ବିସ୍ଫୋରଣ ଘଟଣା, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ ଏନଆଇଏ । ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗରରେ ହୋଇଥିଲା ଭୟଙ୍କର ବିସ୍ଫୋରଣ । ମୁଖ୍ୟ ଅଭିଯୁକ୍ତ ସେହନୱାଜ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଘଓଇ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିଶନେରଟ ପୁଲିସ ଠାରୁ ହାତକୁ ନେଇଛି । ଏହି ତଦନ୍ତ ପ୍ରକ୍ରିୟା ବେଳ ଜବତ ହୋଇଥିବା ବିସ୍ଫୋରକ ଆରଡିଏକ୍ସର ବ୍ୟବହାର, ମଫି ର ଆନ୍ତରାଜ୍ୟ ଲିଙ୍କ, ପୂବର୍ର ଅପରାଧିକ ମାମଲା ସମ୍ପକର୍ରେ ହୋଇପାରେ ଅଧିକ ଖୋଳତାଡ଼ । ଠିକ ସେହିପରି ଏତେ ପରିମାଣର ଆରଡିଏକ୍ସ କେଉଁଠାରେ ବ୍ୟବହାର ହୋଇଥାନ୍ତା ଏ ସମ୍ପକର୍ରେ ଅଧିକ ଖୋଳତାଡ଼ କରିବା ପାଇଁ ଏକାଧିକ ଲୋକଙ୍କୁ ପଚରାଉଚରା ଜାରି ରଖିଛି ଏନଆଇଏ । ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମଫିର ଗାଲଫ୍ରେଣ୍ଡକୁ ଅଧିକ ପଚରାଉଚରା କରୁଛି ଏନଆଇଏ । ଉଲ୍ଲେଖଯୋଗ୍ୟ ଯେ, ଭୁବେନଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରେର ବୋମା ଭିଡୁଥିବା ସମୟେର ଏହିବିସ୍ଫୋରଣ ଘଟିଥିଲା । ଏଥରେ ମୁଖ୍ୟ ଅଭିଯୁକ୍ତ ସେହନୱାଜଙ୍କ ସେମତ ତାଙ୍କ ବାନ୍ଧବୀ, ମାଆ ଓ ବନ୍ଧୁ ଅମୀୟ ମଲ୍ଲିକ ଆହତ ହୋଇଥିଲେ । ଚିକିତ୍ସାଧିନ ଅବସ୍ଥାର ମୁଖ୍ୟ ଅଭିଯୁକ୍ତ ସେହନୱାଜ ଏବଂ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା ।

ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ- ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର,୬/୪ : ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ । ଏନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରିକି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରିକି ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବା ଆବଶ୍ୟକ ନାହିଁ । ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି । ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ । ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା ଫଲଟି କଂଟ୍ରାକ୍ଟ । ଯେଉଁଠି ଯେଉଁଠି ମେଟ୍ରୋ ହେଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି । ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତବେଳେ ବ୍ୟବସ୍ଥା କଲେ ସେତବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିଥା ନ ନେଇକି ଷ୍ଟେଟ ପ୍ଲାନରୁ କରିବେ ବୋଲି ବସିଥିଲେ । ମେଟ୍ରୋର ଯେଉଁ ଆଲାଇଜମେଂଟ ତିଆରି ହୋଇଥିଲା ତାହା ନଟ ଫିଟ । ଯେଉଁ କମ୍ପାନୀ ତିଆରି ହୋଇଛି ମୋବିଲିଟି ପ୍ଲାନ ତିଆରି କରୁଛନ୍ତି । ଆଜିର ତାରିଖରେ ମେଟ୍ରୋ ଆମ ପାଇଁ ଲସ ମେକିଙ୍ଗ ପ୍ରକଳ୍ପ ହୋଇପାରେ । ପ୍ରତି ବର୍ଷ ହଜାରେ କି ଦୁଇ ହଜାର କୋଟି ଖର୍ଚ୍ଚ ହେବା ଅପେକ୍ଷା ଯେତିକି ଅଛି ପ୍ରକଳ୍ପକୁ ଷ୍ଟଲ ରଖିଛୁ । ଅପରିଣାମଦର୍ଶୀ ନିଷ୍ପତ୍ତି ଗତ ସରକାର ନେଇଥିଲେ । ମନ୍ତ୍ରୀ ସ୍ତରୀୟ କମିଟି ଯେଉଁ ନିଷ୍ପତ୍ତି ନେଇଥିଲେ ମୁଖ୍ୟମନ୍ତ୍ରୀ ଏବଂପୁରା କ୍ୟାବିନେଟ ସହମତି ଅଛନ୍ତି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ସେମିତି ରହିବ । ପ୍ଲାନ ତିଆରି ହେଲା ପରେ ସାଇଂଟିଫିକ ୱେ ରେ ଆମେ ଆଗକୁ ଯିବାକୁ ପ୍ରସ୍ତୁତ ହେଉଛୁ ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା :

୨୩ ଜିଲ୍ଲାରେ ନିଯୁକ୍ତ ହେଲେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ

ଭୁବନେଶ୍ୱର,୬/୪(ନି/ପ୍ର) : ସ୍ପେଶାଲ ଡେଭଲପମେଂଟ କାଉନସିଲକୁ ବଡ଼ ଅପଡେଟ୍ । ଘୋଷଣା ହେଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ । ରାଜ୍ୟ ସରକାର ଝଉଉ ଘୋଷଣା କରିଛନ୍ତି । ରାଜ୍ୟ ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା ହୋଇଛି । ରାଜ୍ୟ ସରାକାର ଏକ ବିଜ୍ଞପ୍ତି ମାଧ୍ୟମରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ନାମ ଜାରି କରିଛନ୍ତି । ଅନୁଗୁଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହୋଇଛନ୍ତି ବଶିଷ୍ଠ ନୟକ ଏବଂ ଉପାଧ୍ୟକ୍ଷ ହୋଇଛନ୍ତି ସୁରୁମଣି ଛତର । ସେହିପରି ବଲାଙ୍ଗିର ଜିଲ୍ଲାରେ ବଲ୍ଲଭ ଧରୁଆ (ଅଧ୍ୟକ୍ଷ) ଏବଂ ଜୟନ୍ତୀ ଭୋଇ (ଉପାଧ୍ୟକ୍ଷ), ବାଲେଶ୍ୱର ଜିଲ୍ଲାରେ ବିପିନ୍ ମାରାଣ୍ଡି (ଅଧ୍ୟକ୍ଷ) ଏବଂ ଝରଣା ସିଂ (ଉପାଧ୍ୟକ୍ଷ), ବରଗଡ଼ ଜିଲ୍ଲାରେ ଗୋବର୍ଦ୍ଧନ ଭୋଏ (ଅଧ୍ୟକ୍ଷ) ଏବଂ ତିଳନ୍ତୋମା ଭୁଏ (ଉପାଧ୍ୟକ୍ଷ), ବୌଦ୍ଧ ଜିଲ୍ଲାରେ ଡମରୁ ଧର କହଁର (ଅଧ୍ୟକ୍ଷ) ଏବଂ ଝରଣା ଜାନି (ଉପାଧ୍ୟକ୍ଷ), ଦେବଗଡ଼ ଜିଲ୍ଲାରେ ପ୍ରଶାନ୍ତ ବେହେରା (ଅଧ୍ୟକ୍ଷ) ଏବଂ ପ୍ରମିଳା କିଶାନ (ଉପାଧ୍ୟକ୍ଷ), ଢେଙ୍କାନାଳ ଜିଲ୍ଲାରେ ନାଉରି ସିଂ (ଅଧ୍ୟକ୍ଷ) ଏବଂ ସେବତୀ ଭୋଇ (ଉପାଧ୍ୟକ୍ଷ), ଗଜପତି ଜିଲ୍ଲାରେ କାମଦେବ ବଡ଼ନାୟକ (ଅଧ୍ୟକ୍ଷ) ଏବଂ ପଙ୍କଜିନୀ ଦଳାଇ (ଉପାଧ୍ୟକ୍ଷ), ଗଞ୍ଜାମ ଜିଲ୍ଲାରେ ନୀଳମାଧବ ପାତ୍ର (ଅଧ୍ୟକ୍ଷ) ଏବଂ ଲଳିତା ପ୍ରଧାନ (ଉପାଧ୍ୟକ୍ଷ), ଯାଜପୁର ଜିଲ୍ଲାରେ ରାଜେନ୍ଦ୍ର କାନ୍ଦୁଲିଆ (ଅଧ୍ୟକ୍ଷ) ଏବଂ ଶାନି ଜରିକା (ଉପାଧ୍ୟକ୍ଷ), ଝାରସୁଗୁଡ଼ା ଜିଲ୍ଲାରେ ସାମଲ ନାଏକ (ଅଧ୍ୟକ୍ଷ) ଏବଂ ସଂଯୁକ୍ତା ଓରାମ (ଉପାଧ୍ୟକ୍ଷ), କଳାହାଣ୍ଡିରେ ବିଜୟ ଦିଶାରୀ (ଅଧ୍ୟକ୍ଷ) ଏବଂ ରୀନା ଭୋଇ (ଉପାଧ୍ୟକ୍ଷ), କନ୍ଧମାଳରେ ମାନଗୋବିନ୍ଦ ପ୍ରଧାନ (ଅଧ୍ୟକ୍ଷ) ଏବଂ କଳ୍ପନା କହଁର (ଉପାଧ୍ୟକ୍ଷ), କେନ୍ଦୁଝର ଜିଲ୍ଲାରେ ମମିତା ନାଏକ (ଅଧ୍ୟକ୍ଷ) ଏବଂ ମାନସ ନାଏକ (ଉପାଧ୍ୟକ୍ଷ) , କୋରାପୁଟରେ ଭଗବାନ ମୁଦୁଲି (ଅଧ୍ୟକ୍ଷ) ଏବଂ ସୁକାନ୍ତି ମାଝୀ (ଉପାଧ୍ୟକ୍ଷ), ମାଲକାନଗିରିରେ ଗଙ୍ଗାଧର ସୋଡ଼ି (ଅଧ୍ୟକ୍ଷ) ଏବଂ ସାବିତ୍ରୀ ପଡ଼ିଆମି (ଉପାଧ୍ୟକ୍ଷ), ମୟୂରଭଞ୍ଜରେ ବୁଧାନ ମୁର୍ମୁ (ଅଧ୍ୟକ୍ଷ) ଏବଂ କୌଶଲ୍ୟା ନାଏକ (ଉପାଧ୍ୟକ୍ଷ), ନବରଙ୍ଗପୁରରେ ବାସନ୍ତୀ ମାଝି (ଅଧ୍ୟକ୍ଷ) ଏବଂ ଲିଙ୍ଗରାଜ ଭତ୍ରା (ଉପାଧ୍ୟକ୍ଷ), ନୟାଗଡ଼ ଜିଲ୍ଲାରେ ତ୍ରିନାଥ ମଲ୍ଲିକ (ଅଧ୍ୟକ୍ଷ) ଏବଂ ସମିତା ଦେହୁରୀ (ଉପାଧ୍ୟକ୍ଷ), ନୂଆପଡ଼ାରେ ହୋମେସିଂ ମାଝୀ (ଅଧ୍ୟକ୍ଷ) ଏବଂ ବେଲାମତି ମାଝୀ (ଉପାଧ୍ୟକ୍ଷ), ରାୟଗଡ଼ାରେ ବିଦ୍ୟାଧର ଶବର (ଅଧ୍ୟକ୍ଷ) ଏବଂ ମଞ୍ଜୁଳା ମିନିଆକା (ଉପାଧ୍ୟକ୍ଷ) ସମ୍ବଲପୁରରେ ଭଗିନ୍ଦ୍ର କିଶାନ (ଅଧ୍ୟକ୍ଷ) ଏବଂ ସୁଷମା ମୁଣ୍ଡା (ଉପାଧ୍ୟକ୍ଷ) । ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ସନ୍ତୋଷ ଅମାତ ଅଧ୍ୟକ୍ଷ ହୋଇଥିବା ବେଳେ ଗାଙ୍ଗି କିଣ୍ଡୋଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି ।

ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ

ନୂଆଦିଲ୍ଲୀ,୬/୪(ନି/ପ୍ର) : ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ । ଓଡ଼ିଆରେ ଶପଥ ନେଲେ ୩ ରାଜ୍ୟସଭା ସାଂସଦ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସଂତୃପ୍ତ ମିଶ୍ର । ଆସାମ ନିର୍ବାଚନରୁ ଫେରିଲେ ଶପଥ ନେବେ ସୁଜିତ କୁମାର । ବିଜେପିରୁ ମନମୋହନ ଏବଂ ସୁଜିତ ନିର୍ବାଚନ ଜିତିଥିଲେ । ବିଜେଡିରୁ ସଂତୃପ୍ତ ମିଶ୍ର ଜିତିଥିଲେ । ସ୍ୱାଧୀନ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦିଲୀପ ରାୟ । ସେହିପରି ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରୁ ନିର୍ବାଚିତ ରାଜ୍ୟସଭା ସାଂସଦମାନେ ବି ଶପଥ ନେଇଛନ୍ତି । ପଶ୍ଚିମବଙ୍ଗ, ତାମିଲନାଡୁ ରାଜ୍ୟସଭା ସଦସ୍ୟ ଶପଥ ନେଇଛନ୍ତି । ଏନସିପି ନେତା ଶରଦ ପାୱାର, କେନ୍ଦ୍ରମନ୍ତ୍ରୀ ରାମଦାଶ ଅଠାୱାଲେ ଏବଂ ଡିଏମକେର ତିରୁଚି ସେଭା ଶପଥ ନେଇଛନ୍ତି । ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବାଜି ମାରିଥିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ । କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦନ୍ନେଶ୍ୱର ହୋତା ଦିଲ୍ଲୀପଙ୍କ ଠାରୁ ପରାଜିତ ହୋଇଥିଲେ । ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା । ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ବିଜେଡିର ସଂତୃପ୍ତ ବିଜୟୀ ହୋଇଥିଲେ । ତେବେ ୪ର୍ଥ ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦନ୍ନେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟରେ ଲଢ଼େଇ ହୋଇଥିଲା । ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦନ୍ନେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା । ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା । କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବାଜି ଓଲଟିଥିଲା । ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ଦିଲ୍ଲୀପ ବାଜି ମାରିଥିଲେ । ଦତେଶ୍ୱର ପରାଜୟ ହୋଇଥିଲେ । ୨୦୨୬ ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

ନେପାଳରେ ସପ୍ତାହକୁ ଦୁଇ ଦିନ ଛୁଟି

କାଠମାଣ୍ଡୁ,୬/୪ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଯେଉଁ ତୈଳ ସମସ୍ୟା ଉପୁଜିଛି, ସେହି ପରିପ୍ରେକ୍ଷୀରେ ନେପାଳ ସରକାର ସପ୍ତାହକୁ ଦୁଇ ଦିନ ସରକାରୀ ଛୁଟି ଘୋଷଣା କରିଛନ୍ତି । ତଦନୁଯାୟୀ ପ୍ରତ୍ୟେକ ଶନିବାର ଓ ରବିବାର ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିବ । ପୂର୍ବରୁ କେବଳ ଶନିବାରକୁ ଛୁଟି ଘୋଷଣା କରାଯାଉଥିଲା । ଦେଶରେ ପେଟ୍ରୋଲ, ଡିଜେଲର ଅଭାବ ପରିଲକ୍ଷିତ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହାବ୍ୟତୀତ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟ ନିର୍ଘ୍ଣ୍ଟରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବ ।

ହର୍ମୁଜ୍ ପ୍ରଣାଳୀ ଆଉ କେବେବି ପୁରୁଣା ସ୍ଥିତିକୁ ଫେରିବ ନାହିଁ : ଆଇଆରଜିସି

ତେହେରାନ,୬/୪ : ଇରାନର ରିଭୋଲ୍ୟୁସନାରୀ ଗାର୍ଡ ନୌସେନା (ଆଇଆରଜିସି) କହିଛି, ହର୍ମୁଜ୍ ପ୍ରଣାଳୀ ବିଶେଷକରି ଆମେରିକା ଏବଂ ଇସ୍ରାଏଲ ପାଇଁ କେବେବି ଆଉ ଏହାର ପୂର୍ବ ଅବସ୍ଥାକୁ ଫେରିବ ନାହିଁ । ବିବୃତିରେ କୁହାଯାଇଛି, ଇରାନ ଉପସାଗରୀୟ ଅଚଂଳରେ ଏକ ନୂଆ ବ୍ୟବସ୍ଥା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ଅଛି । ଇରାନ ସଂସଦ ଏକ ନୂତନ ଡ୍ରାଫ୍ଟ ବିଲ୍ ଉପରେ କାମ କରୁଥିବା ସମୟରେ ଆଇଆରଜିସିର ମନ୍ତବ୍ୟ ଆସିଛି ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଟୋଲ୍ ଲଗାଇବ । ଏହା ବ୍ୟତୀତ, ଏହି ମାର୍ଗ ଆମେରିକା ଏବଂ ଇସ୍ରାଏଲ ପାଇଁ ପ୍ରତିବନ୍ଧିତ ହେବ । ଏହି ଡ୍ରାଫ୍ଟ ଇରାନ ଉପରେ ପ୍ରତିବନ୍ଧକ ଲଗାଇଥିବା ଦେଶମାନଙ୍କ ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରବେଶକୁ ପ୍ରତିବନ୍ଧକ କରିବ । ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି, ପ୍ରସ୍ତାବରେ ଇରାନର ଜାତୀୟ ମୁଦ୍ରାରେ ଦେୟ କରାଯାଉଥିବା ପାସେଞ୍ଜ ଫି ଲାଗୁ ହେବ । ଆମେରିକା ଏବଂ ଇସ୍ରାଏଲ ପାଇଁ ପରିବହନ ପ୍ରତିବନ୍ଧକ ଏବଂ ଇରାନ ବିରୋଧରେ ଏକପାଖିଆ ପ୍ରତିବନ୍ଧକରେ ସାମିଲ ଥିବା ଦେଶଗୁଡ଼ିକ ଉପରେ କଟକଣା କରାଯିବ । ସରଳ ଭାଷାରେ କହିବାକୁ ଗଲେ, ଇରାନ ସ୍ପଷ୍ଟ କରିଛି ଯେ, ସଂଘର୍ଷ ଶେଷ ହେବାଠାରୁ ବହୁ ଦୂରରେ ଅଛି । ଡ୍ରାଫ୍ଟ ଆଇନରେ ଷ୍ଟ୍ରେଟ୍ ଉପରେ ଇରାନର ସାର୍ବଭୌମତ୍ୱ, ଏହାର ସଶସ୍ତ୍ର ବାହିନୀର ଭୂମିକା, ସାମୁଦ୍ରିକ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଓମାନ ସହିତ ଆଇନଗତ ସମନ୍ୱୟ ସହିତ ଜଡିତ ବ୍ୟବସ୍ଥା ମଧ୍ୟ ଉଲ୍ଲେଖ କରାଯାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ ଆମେରିକା ଇରାନକୁ ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ଏକ ନୂତନ ସମୟସୀମା ଦେଇଛି ।

ମଧ୍ୟପ୍ରାଚ୍ୟରେ ୪୫ ଦିନିଆ ଅସ୍ତ୍ରବିରତି ନେଇ ଇରାନ-ଆମେରିକା ମଧ୍ୟରେ ଆଲୋଚନା ଜାରି

ୱାସିଂଟନ/ତେହେରାନ,୬/୪ : ଇରାନର କେନ୍ଦ୍ରୀୟ ସାମରିକ କମାଣ୍ଡ ସୋମବାର ଏକ ବିବୃତି ଜାରି କରି ଚେତାବନୀ ଦେଇଛି ଯେ, ଯଦି ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ବେସାମରିକ ଲକ୍ଷ୍ୟସ୍ଥଳକୁ ଟାର୍ଗେଟ କରନ୍ତି ତେବେ ଆମେ ଅଧିକ ଭୟଙ୍କର ଭାବେ ଜବାବ ଦେବୁ । ଏହି ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବେସାମରିକ ଭିତ୍ତିଭୂମିକୁ ନଷ୍ଟ କରିବାକୁ ଧମକ ଦେଇଛନ୍ତି । ଏହି ସମୟରେ, ଏକ ନୂତନ ରିପୋର୍ଟ ଅନୁଯାୟୀ, ଆମେରିକା, ଇରାନ ଏବଂ ଆଚଂଳିକ ମଧ୍ୟସ୍ଥତା ଗୋଷ୍ଠୀ ଏକ ସମ୍ଭାବ୍ୟ ୪୫ ଦିନିଆ ଅସ୍ତ୍ରବିରତିର ସର୍ତ୍ତାବଳୀ ଉପରେ ଆଲୋଚନା କରୁଛନ୍ତି । ମଧ୍ୟସ୍ଥିମାନେ ୪୫ ଦିନିଆ ଅସ୍ତ୍ରବିରତି ପାଇଁ ଶେଷ ପ୍ରୟାସ କରୁଛନ୍ତି । ଏହି ପ୍ରସ୍ତାବିତ ଅସ୍ତ୍ରବିରତିକୁ ସଂଘର୍ଷର ସ୍ଥାୟୀ ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି । ମଧ୍ୟସ୍ଥିମାନେ ଏକ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ଯାହା ଏକ ସ୍ଥାୟୀ ଶାନ୍ତି ପାଇଁ ପଥ ପ୍ରଶସ୍ତ କରିବ । ରିପୋର୍ଟ ଅନୁଯାୟୀ, ଆଲୋଚନାରେ ସାମିଲ ଥିବା ଆମେରିକୀୟ, ଇସ୍ରାଏଲୀ ଏବଂ ଆଚଂଳିକ ସୂତ୍ରଗୁଡ଼ିକ ଏହାକୁ ନିଶ୍ଚିତ କରିଛନ୍ତି । ସୂତ୍ରଗୁଡ଼ିକ କହିଛନ୍ତି ଯେ, ଆଗାମୀ ୪୮ ଘଣ୍ଟା ମଧ୍ୟରେ ଆଂଶିକ ଚୁକ୍ତି ହେବାର ସମ୍ଭାବନା ବହୁତ କମ୍ । ତଥାପି, ଏହି ପ୍ରୟାସକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି କାରଣ ଏହା ଏକ ପୂର୍ଣ୍ଣ-ସ୍ତରର ସଂଘର୍ଷକୁ ଏଡାଇବା ପାଇଁ ଶେଷ ସୁଯୋଗ ହୋଇପାରେ । ଏହି ଶେଷ ପ୍ରୟାସକୁ ସଂଘର୍ଷର ବୃଦ୍ଧିକୁ ଏଡାଇବା ପାଇଁ ଏକମାତ୍ର ସୁଯୋଗ ଭାବରେ ଦେଖାଯାଉଛି । ଯେଉଁଥିରେ ଇରାନର ନାଗରିକ ଭିତ୍ତିଭୂମି ଉପରେ ବଡ଼ ଧରଣର ଆକ୍ରମଣ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଶକ୍ତି ଏବଂ ଜଳ ସୁବିଧା ଉପରେ ପ୍ରତିଶୋଧମୂଳକ ଆକ୍ରମଣ ଅନ୍ତର୍ଭୁକ୍ତ ହୋଇପାରେ । ଯଦି ଆଲୋଚନା ବିଫଳ ହୁଏ, ତେବେ ପରିସ୍ଥିତି ଦ୍ରୁତ ଗତିରେ ଖରାପ ହୋଇପାରେ, ଯାହା ସମଗ୍ର ଅଚଂଳରେ ଅସ୍ଥିରତା ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିପାରେ । ରିପୋର୍ଟ ଅନୁସାରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ତେହେରାନକୁ ଚୁକ୍ତିନାମା ଗ୍ରହଣ କରିବା ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଦିଆଯାଇଥିବା ସମୟସୀମା ଶେଷ ହେବା ପୂର୍ବରୁ ଆଗାମୀ ୪୮ଘଣ୍ଟା ମଧ୍ୟରେ ଏକ ଅସ୍ତ୍ରବିରତି ସ୍ଥିର କରିବା ପାଇଁ ଚୂଡ଼ାନ୍ତ ପ୍ରୟାସ କରାଯାଉଛି । ଟ୍ରମ୍ପ ତାଙ୍କ ଦାବି ପୂରଣ ନ ହେଲେ ସବୁକିଛି ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି । ସେ ଇରାନରେ ଧ୍ୱଂସ ଘଟାଇବେ ବୋଲି ପ୍ରତିଜ୍ଞା କରିଛନ୍ତି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରୁ ସିଦ୍ଧ ମଠ ଯାଏଁ ଦୌଡିଲେ ଶହଶହ

କେନ୍ଦୁଝର,୬/୪(ନି/ପ୍ର): ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ଓଡ଼ିଶା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ। ଓଡ଼ିଆ ପକ୍ଷର ପଂଚମ ଦିବସରେ ଆଜି କେନ୍ଦୁଝରଠାରେ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ଯାଏଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା ।ଏଥିରେ ଶହ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା। ଏଥିସହିତ ଏହି ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ସହ ସାମାଜିକ ଗଣମାଧ୍ୟମରେ ଅପଲୋଡ଼ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦୌଡ଼ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଅବକାରୀ ଅଧିକ୍ଷକ ତେଜରାଜ ଜାନି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ।

ଓଡ଼ିଆ ପକ୍ଷ-୨୦୨୬ ଉପଲକ୍ଷେ 'ଐତିହ୍ୟ ଗଣଦୌଡ'

ଅନୁଗୋଳ,୬/୪ (ନି/ପ୍ର):'ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ 'ଐତିହ୍ୟ ଗଣଦୌଡ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ସମ୍ୟକ୍ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଐତିହ୍ୟ ଗଣଦୌଡ ଅନୁଗୋଳର ଇନଡୋର ହଲ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଇନଡୋର ହଲଠାରେ ଶେଷ ହୋଇଥିଲା। ଏହି ଗଣଦୌଡରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଜାତୀୟ ସମର ବାହିନୀ, ଜିଲ୍ଲା ସ୍କାଉଟ ଛାତ୍ର, ଅନୁଗୋଳ ଜିଲ୍ଲା ଆସୋସିଏସନ୍ ର କ୍ରୀଡାବିତ୍, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ପାଇଁ ସୁନାମ ଆଣିଥିବା କୃତି କ୍ରୀଡ଼ା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମର ବାହିନୀର ମୁଖ୍ୟ ଓ ସହପ୍ରଫେସର ଡକ୍ଟର ରାକେଶ ରଞ୍ଜନ ବେହେରାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଇଟାପୋଖରୀ ଗ୍ରାମରେ ପାନୀୟ ଜଳ ସମସ୍ୟା

କେନ୍ଦୁଝର,୬/୪(ନି/ପ୍ର):ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ପଂଚାୟତ ଅଧିନସ୍ଥ ଇଟାପୋଖରୀ ଅଂଚଳର ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଥିବାବେଳେ ପାନୀୟ ଜଳ ସମସ୍ୟା ତୀବ୍ରତର ହୋଇପଡିଛି । ମିଳିଥିବା ଅଭିଯୋଗ ଅନୁସାରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମର ରାସ୍ତା କଂକ୍ରିଟ ରାସ୍ତା ନିର୍ମାଣ ସହ ପାନୀୟ ଜଳର ସୁବ୍ୟବସ୍ଥା କରାଯାଉଥିବା ଥିବା ବେଳେ ଇଟାପଖୋରୀ ଅଂଚଳର ଗ୍ରାମ୍ୟ ରାସ୍ତା ନିର୍ମାଣ କିମ୍ବା ମରାମତି ଓ ପାନୀୟ ଜଳର ସୁବ୍ୟବସ୍ଥା ପ୍ରତି ସରକାର ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଉକ୍ତ ଅଂଚଳର ଗରିବ ଅଧିବାସୀ ମାନେ ପାନୀୟ ଜଳ ସମସ୍ୟା କୁ ନେଇ ନାହିଁ ନଥିବା ସମସ୍ୟା ର ସମ୍ମୁଖୀନ ହେଉଥିବାବେଳେ ଜୀବନ ଜୀବିକା ପାଇଁ ଯାତାୟାତ କରୁଥିବା ଉକ୍ତ ଗ୍ରାମ୍ୟ ରାସ୍ତା କୁ ନେଇ ଘୋର ଦୂରଦିନର ସମ୍ମୁଖୀନ ହେଉଥିବାର ଉକ୍ତ ଅଂଚଳର ଅଧିବାସୀ ସାନ୍ତନୁ ଦେହୁରୀ, ଅମର ଦେହୁରୀ, ଶ୍ରୀକାନ୍ତ ନାଏକ, କମ୍ପାନୀ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି । ଗ୍ରାମର ଗରିବ ଲୋକମାନଙ୍କର ଜୀବନ ଜୀବିକା କୁ ଦୃଷ୍ଟି ରଖି ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି କରିଛନ୍ତି ଗ୍ରାମବାସି।

ମହିଳାମାନଙ୍କ ପାଇଁ ଶକ୍ତିଶ୍ରୀ ସଚେତନତା ଶୋଭାଯାତ୍ରା

ଘଟଗାଁ,୬/୪(ନି/ପ୍ର):କେନ୍ଦୁଝର ଜିଲ୍ଲା ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ତରା ପଂଚାୟତ ନାକଝରି ଗ୍ରାମରେ ପହଂଚିଥିଲା। ଏଠାରେ ଗ୍ରାମରନାରୀ ସଚେତନତା ଉପରେ ଏକ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀମାନେ କିପରି ବିକାଶ ପଥରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗର ସଂଯୋଜିକା ଡକ୍ଟର ସୁରେଶବାଳା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମାଜସେବୀ ପଦ୍ମଲୋଚନ ବଳ, ଅଧାପିକା ଅନୁପମା ବିଶ୍ୱକର୍ମା, ତ୍ରିଲୋଚନ ସାହୁ ପ୍ରମୁଖ ଅତିଥୀଭାବେ ଯୋଗଦେଇଥିଲେ। ନାରୀ ସଚେତନତା ଉପରେଏକ ନାଟକ ପରିବେଶଣ କରାଯାଇଥିଲା।

ଓଡ଼ିଆରେ ନାମ ଫଳକ ଅଭିଯାନ

କେନ୍ଦୁଝର,୬/୪(ନି/ପ୍ର): ଓଡ଼ିଆ ପକ୍ଷ-୨୦୨୬ର ଚତୁର୍ଥ ଦିବସରେ କେନ୍ଦୁଝରଠାରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି । ଏହି କ୍ରମରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ଆୟୋଜିତ କରି ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରାଯାଇଛି । ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଅତିରିକ୍ତ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ ।ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖା ନଥିଲା ସେହି ଦୋକାନର ମାଲିକ ମାନଙ୍କୁ ଓଡ଼ିଆରେ ଲେଖିବା ପାଇଁ ସଚେତନ କରାଯାଇଥିଲା ।

କ୍ଷତିପୂରଣ ସହ ଶାନ୍ତିର ବାର୍ତ୍ତା : ମୃତ ଲାକେ ପଡ଼ିଆମୀଙ୍କ ପରିବାରକୁ ମିଳିଲା ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି

ମାଲକାନଗିରି, ୬/୪(ନି/ପ୍ର): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏମଭି-୨୬ ଗ୍ରାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତ ଲାକେ ପଡ଼ିଆମୀଙ୍କ ପରିବାର ସହ ଶତାଧିକ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ ପ୍ରକ୍ରିୟା ସ୍ଥାନୀୟ ଅଂଚଳରେ ଏକ ଆଶ୍ୱସ୍ତିର ବାତାବରଣ ସୃଷ୍ଟି କରିଛି। ବିପନ୍ନି ସମୟରେ ସରକାର ଓ ପ୍ରଶାସନ ଲୋକଙ୍କ ସହ ରହିଥିବା ଏହି ପଦକ୍ଷେପରୁ ସ୍ପଷ୍ଟ ହୋଇଛି। ପ୍ରଭାବିତ ପରିବାରଗୁଡ଼ିକର ଜୀବନଧାରଣକୁ ପୁଣି ସ୍ୱାଭାବିକ କରିବା ପାଇଁ ଏହି ଆର୍ଥିକ ପ୍ୟାକେଜ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଘଟଣାରେ ପ୍ରାଣ ହରାଇଥିବା ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ଦୁଇ ସନ୍ତାନ ରବି ପଡିଆମୀ ଓ ଦେବେ ପଡ଼ିଆମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏମଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ମିଳିଛି। ୨୨୬ଟି ପରିବାରକୁ ସେମାନଙ୍କ ଘରୋଇ ସାମଗ୍ରୀ ନଷ୍ଟ ବାବଦକୁ ସମୁଦାୟ ୩ କୋଟି ୩୪ ଲକ୍ଷ ୮୬ ହଜାର ୭୫୦ ଟଙ୍କା ଦିଆଯାଇଛି। ଗ୍ରାମର ୨୪୦ ପରିବାରଙ୍କ ନଷ୍ଟ ହୋଇଥିବା ଦୋକାନ ଓ ପକ୍କା ଘର ବାବଦକୁ ସମୁଦାୟ ୧ କୋଟି ୧୦ ଲକ୍ଷ ୫୯ ହଜାର ୬୨୩ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସବୁବେଳେ ଜନସାଧାରଣଙ୍କ ସୁଖଦୁଃଖରେ ସାଥୀ ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ କ୍ଷୟକ୍ଷତିର ସଠିକ୍ ଆକଳନ କରି ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ଚେଷ୍ଟା କରିଛୁ। ଏହି ଆର୍ଥିକ ସହାୟତା ପ୍ରଭାବିତ ପରିବାରଗୁଡ଼ିକୁ ପୁଣିଥରେ ନୂତନ ଭାବେ ନିଜ ଜୀବିକା ଆରମ୍ଭ କରିବାରେ ସହାୟକ ହେବ। ସହାୟତା ପ୍ରଦାନ ସହ ପ୍ରଶାସନ ପକ୍ଷରୁ ଅଂଚଳରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି ଯେ, ସାମାଜିକ ଏକତା ହିଁ ଆମର ସବୁଠାରୁ ବଡ଼ ଶକ୍ତି। ସମସ୍ତ ଗ୍ରାମବାସୀ ମିଳିମିଶି ରହିବା ସହ ଅଂଚଳର ଉନ୍ନତି ପାଇଁ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, କୋରକୁଣ୍ଡା ବିଡିଓ ଅମୂଲ୍ୟ ମହାପାତ୍ର, ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଏବଂ କୋରକୁଣ୍ଡା ଆଇଆଇସି ଉପସ୍ଥିତ ଥିଲେ। ଏଥିସହିତ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସମ୍ପାଦକ ନୀଳକଣ୍ଠ ଦୋରା, ଆଦିବାସୀ ମହାସଂଘ ଆଇଟି ସେଲ୍ ମୁଖ୍ୟ କାମେଶ୍ୱର ଆଜମେରା, ରାଖେଲଗୁଡା ପେଦା ଜଗା ମାଡକାମୀ, ରାଖେଲଗୁଡ଼ା ସାନ ପେଦା ଇନ୍ଦ୍ର କଓ୍ୱାସୀ, ବଙ୍ଗାଳୀ ସମାଜ ଉପ ସଭାପତି ସୁନୀଲ ବିଶ୍ୱାସ, ସାଧାରଣ ସଂପାଦକ ମନୋଜ ଚୌଧୁରୀ, ଉପଦେଷ୍ଟା ନିମାଇ ଚନ୍ଦ୍ର ପାଲ ଓ କୋର୍ ସଦସ୍ୟ ଉତ୍ତମ ଓଝା ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉଭୟ ଗ୍ରାମର ଗ୍ରାମବାସୀମାନେ ମଧ୍ୟ ଏହି ଅବସରରେ ସାମିଲ ହୋଇଥିଲେ।

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରିସ୍ଥିତ ଓଡ଼ିଶା ଖଣି ନିଗମ ପକ୍ଷରୁ ସିଏସଆର୍ ପଦକ୍ଷେପ ସ୍ୱରୁପ ପାଇପ ପ୍ରକଳ୍ପ ଉଦ୍‌ଘାଟିତ

ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ନୂଆପଡ଼ା,୬/୪(ନି/ପ୍ର):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା ସ୍ଥିତ ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ ଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ଼ଃ. ସୁଶାନ୍ତ କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବିଶି ଯୋଗ ଦେଇଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପୂର୍ବତନ ଛାତ୍ର ମାନଙ୍କ ସହ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଜାଭେଦ ଅହମଦ ଖାନ, ମନବୋଧ ଦାସ, କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀ, କିରାଣୀ ସଂଜୀବ ବିଶିଙ୍କ ସହ ଚତୁର୍ଥ କର୍ମଚାରୀ ଅଶୋକ ରଣା, ନବୀନ ନାଏକ, ପଟ୍ଟୁ ନାଏକ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ଶିକ୍ଷକ ଶ୍ରୀକାନ୍ତ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ କ୍ଷ ଶ୍ରୀକାନ୍ତ କୁମାର ସାମଲ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଗାଁରୁ ୨୦୦୩ ମସିହାରେ ଆସି ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ ଯୋଗଦେଇ ଦୀର୍ଘ ୨୩ ବର୍ଷ ଧରି ନିରବଛିନ୍ନ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ କ୍ଷ ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଶାନ୍ତସରଳ ବ୍ୟକ୍ତି ବିଶେଷ ହୋଇଥିବା ହେତୁ କେବଳ ଯେ ବିଦ୍ୟାଳୟ ନୁହେଁ ସ୍ଥାନୀୟ ଅଂଚଳରେ ମଧ୍ୟ ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

ମାଲକାନଗିରି, ୬/୪(ନି/ପ୍ର): ମାଲକାନଗିରି ଜିଲ୍ଲାର ଉପାନ୍ତ ମାଥିଲି ବ୍ଲକ ଦୁର୍ଗମ ଅଂଚଳ ଟେମୁରୁପାଲି ପଚାଂୟତ ଅନ୍ତର୍ଗତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଳ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ମାରୁ ଦୂରୁଆ, ସହକାରୀ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଓ ପି ଜାନକୀ ରାଓ ଉପସ୍ଥିତି ରହିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ସମାଜ ସେବା ଓ ସର୍ବୋପରି ତାଙ୍କର ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ମଚାଂସୀନ ଅତିଥିମାନେ ଆଲୋକପାତ କରିଥିଲେ। ଶପଥ ପାଠ ପରେ ମିଷ୍ଟାନ୍ନ ବଟଂନ କରାଯାଇଥିଲା।

ଓଡ଼ିଆ ନାମଫଳକ ଅଭିଯାନ ଉପଲକ୍ଷେ ସଚେତନତା ପଦଯାତ୍ରା

ଅନୁଗୋଳ,୬/୪(ନି/ପ୍ର): ଅନୁଗୋଳ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ (ଓଡିଆ ପକ୍ଷ-୨୦୨୬) ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ -୧୯୫୬ ଅନୁଯାୟୀ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କରେ ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜେଲ୍ ରୋଡ, ସେଟ୍ରାଂଲ ଲଜ,ବଜାରଛକ, ସୂଚନାକେନ୍ଦ୍ର ଛକ, ଥାନା ଛକଦେଇ ଅନୁଗୋଳ ପୌର ପାଳିକା କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସଚେତନତା ପାଇଁ ବିଭାଗ ପକ୍ଷରୁ ଦୋକାନର ମାଲିକମାନଙ୍କୁ ପ୍ରଚାର ପତ୍ରିକା ବଟଂନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ କୁବେର ବେହେରା, ଅନୁଗୋଳ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇଙ୍କ, ଅନୁଗୋଳ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି,ଶ୍ରମିକ ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ମହୁଲି ମଦ ଆଡ୍ଡା ଭାଙ୍ଗିଦେଲେ ମହିଳା

ପାଟଣା,୬/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଅଁରାପଶି ଆକାଶିଆ ଜଙ୍ଗଲ ଇଲାକାରେ ଚାଲିଥିବା ଚୋରା ମଦ ଆଡ୍ଡାରେ ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ମହିଳା ଭାଙ୍ଗି ଦେଇଛନ୍ତି। କିଛି ବର୍ଷ ହେଲା ଏଠାରେ ଛାମୁଣ୍ଡିଆ କରି ଚୋରାମଦ ବିକ୍ରେତା ମାନେ ବ୍ୟବସାୟ ଚଳାଇ ଆସୁଥିଲେ। ନିଛାଟିଆ ଜାଗାକୁ ଯାଇ ଯୁବକ ଓ ପୁରୁଷ ମାନେ ଯାଇ ଏଠାରୁ ମହୁଲି ପିଇ ଟଙ୍କା ଅପଚୟ ସହ ପରିବାର କୁ ଅଣଦେଖା କରୁଥିଲେ। ଗତକାଲି ମହିଳା ମାନେ ଚୋରା ମଦ କାରବାର ବନ୍ଦ କରିବା ଦାବିରେ ଅବକାରୀ ଥାନା ଘେରାଉ କରିଥିଲେ। ଆଜି ପୁଣି ଉକ୍ତ ସ୍ଥାନରେ ମଦବିକ୍ରି ହେଉଥିବା ଖବର ପାଇ ମହିଳା ମାନେ ଏପରି ପଦକ୍ଷେପ ନେଇଛନ୍ତି। ଏଠାରେ ଚାଖଣା ତିଆରି ପାଇଁ ଜଙ୍ଗଲ କାଠ ବ୍ୟବହାର ହେଉ ଥିବାରୁ

ବନପାଳ ନିରଞ୍ଜନ ସେଠୀ ଘଟଣା ସ୍ଥଳରେ ପହଚିଁ ଭଙ୍ଗା ଯାଇଥିବା ମଦ ଆଡ୍ଡାର କାଠ ଗୁଡିକୁ ଜବତ କରିଛନ୍ତି।

ରାଣୀକଟା ଠାରେ ବାବା ସାହେବ ଆମ୍ବେଦକର ପ୍ରତିମୂର୍ତ୍ତି ଉନ୍ମୋଚନ

ବଲାଙ୍ଗିର,୬/୪(ନି/ପ୍ର): ରାଣୀକଟା ଆମ୍ବେଦକର ନଗରବାସୀଙ୍କ ଦ୍ୱାରା ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ମହାସମାରୋହରେ ଉନ୍ମୋଚିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବଲାଙ୍ଗିର ତରଣି ସୁନା ଓ ପିପିର୍ଡା ସରପଂଚ ରୁବି ବାବୁ ଉନ୍ମୋଚନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ତରଣି ସୁନା ଜିଲ୍ଲା ଉନ୍ନୟନ ଅଧିକାରୀ ମୁଖ୍ୟ ଅତିଥି ଶମ୍ଭୁ ନାଗ ବିଶିଷ୍ଟ ଶ୍ରମିକ ନେତା, ସ୍ୱତନ୍ତ୍ର ଅତିଥି ଲଙ୍କେଶ ରାବଣ ସଭାପତି ଭୀମ ଆର୍ମି ଓଡିଶା, ଗୁରୁଚରଣ ହରିପାଲ ସାମାଜିକ କର୍ମୀ, ବାସୁଦେବ ମୁଗ୍ରୀ ଶିକ୍ଷକ ନେତା, ନିତେଶ କୁମ୍ଭାର ଜିଲ୍ଲା ଭୀମ ଆର୍ମି ସଭାପତି, କୌଶଲ୍ୟା କୁମ୍ଭାର ସଭାନେତ୍ରୀ ସାବିତ୍ରୀବାଇ ମହିଳା ସଂଗଠନ, ସଂପାଦକ ବୁଦ୍ଧିଷ୍ଟ ସୋସାଇଟି ମଂଚାସିନ ଥିଲେ । ଏହି ଐତିହାସିକ କାର୍ଯ୍ୟକ୍ରମରେ ପ୍ରତିମୂର୍ତ୍ତି ଉନ୍ମୋଚନ ଫଳରେ ସାମାଜିକ ଦାୟିତ୍ୱ ଆହୁରି ବଢିଗଲା ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ ।

ବିବିଧା

ରାଶିଫଳ

ମେଷ: ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

ବୃଷ: ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

ମିଥୁନ: ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

କର୍କଟ: ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ସିଂହ: ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

କନ୍ୟା: ଯୋଜନା ମୁତାବକ କାମ କରନ୍ତୁ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

ତୁଳା: ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ଦାନ ପୁଣ୍ୟ କରନ୍ତୁ।

ବିଛା: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଳାଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ଧନୁ: ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ତନ୍ତ ସମସ୍ୟା ଭୋଗି ପାରନ୍ତି।

ମକର: ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକପ୍ରିୟତା ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

କୁମ୍ଭ: ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

ମୀନ: ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ଆଜିର ଇତିହାସ

- ୧୮୯୬- ଆଧୁନିକ ଅଲିମ୍ପିକ୍ ଏଥେନ୍ସରୁ ଆରମ୍ଭ ହେଲା।
- ୧୮୯୬- ପ୍ରଥମ ଥର ପାଇଁ ବିମାନରେ ଫିଲ୍ମ ପ୍ରଦର୍ଶନ କରାଗଲା।
- ୧୯୫୫- ଆମେରିକା ପରମାଣୁ ପରୀକ୍ଷା କଲା।
- ୧୯୮୦- ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ହୋଇଥିଲା।
- ୨୦୧୪- ଶ୍ରୀଲଙ୍କା ଟିମ୍ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଭାରତକୁ ୬ ୱିକେଟ୍‌ରେ ହରାଇ ପ୍ରଥମ ଥର ଚାମ୍ପିଅନ୍ ହେଲା।

ବିନା ଗାଡ଼ିରେ ବରଯାତ୍ରୀ

ବର୍ତ୍ତମାନ ବାହାଘରକୁ ନେଇ ବିଭିନ୍ନ ସମୟରେ ବେଶ୍ ରୋଚକୀୟ ଭିଡିଓଗୁଡ଼ିକ ସାମ୍ନାକୁ ଆସୁଛି। ଏବେ ଏକ ବାହାଘରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭାଇରାଲ ହୋଇଥିବା ଭିଡିଓରେ ଏକ ନିଆରା ବର ରୋଷଣି ଦେଖିବାକୁ ମିଳିଛି। ସାଧାରଣତଃ ବାହାଘର ସମୟରେ ବର ବନ୍ଧୁବାନ୍ଧବଙ୍କ ସହ ବାଜା, ବାଣ ଓ ଡିଜେରେ ରୋଷଣି କରି କନିଆ ଘରେ ପହଞ୍ଚିଥାଏ। ଏହି ସମୟରେ ବର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଦାମୀ ଗାଡ଼ିରେ ଯାଇଥାଏ। ବେଳେବେଳେ ପରିବେଶ ସୁରକ୍ଷା ପାଇଁ କିମ୍ବା ନିଆଡ଼ମ୍ବର ବିବାହରେ ବାଣ, ଡିଜେ ବଦଳରେ ପାରମ୍ପରିକ ବାଦ୍ୟରେ ରୋଷଣି କରାଯାଇଥାଏ। ତେବେ ଭାଇରାଲ ହୋଇଥିବା ଭିଡିଓରେ କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ରୋଷଣିରେ କାର୍ କି ବସ୍ ନାହିଁ। ବରଯାତ୍ରୀମାନେ ଚାଲି ଚାଲି କନିଆ ଘରକୁ ଯାଉଛନ୍ତି। ତା'ସହ କୌଣସି ମହଙ୍ଗା ସାଜସଜ୍ଜା ବି ଦେଖିବାକୁ ମିଳିନାହିଁ। ଗାଁ ପରିବେଶରେ ବରଟି ରୋଷଣି କରିଯାଉଛି। ମହିଳାମାନେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ନାଚୁଥିବାବେଳେ ଛୁଆ ଛୁଆ ପିଲାମାନେ ବି ଏଥିରେ ସାମିଲ ହୋଇଛନ୍ତି। ପୂରା ପରିବେଶ ହସଖୁସିରେ ମାତି ପଡ଼ୁଛି। ତେବେ ଏଥିରେ ଏକ ବିଶେଷ କଥା ହେଉଛି, ରୋଷଣି ସମୟରେ କୌଣସି ଗାଡ଼ିକୁ ବ୍ୟବହାର କରାଯାଇ ନାହିଁ। ସେହିପରି କିଛି ଲୋକ ମୁଣ୍ଡରେ ଜିନିଷ (ମଜାକରେ ଯୌତୁକ କୁହାଯାଉଛି) ବୋହି ଯାଉଥିବା ନଜର ଆସିଛନ୍ତି। ବର ଗାଡ଼ି ବଦଳରେ ଲୋକଙ୍କ କାନ୍ଧରେ ବସି ଯାଉଥିବାର ଦେଖାଯାଉଛି। ତେବେ ଏହି ଦୃଶ୍ୟକୁ ଦେଖି ଅନେକ ଆଶ୍ଚର୍ଯ୍ୟ ହେବା ସହ ବହୁ ଜଣ ଏମିତି ନିଆଡ଼ମ୍ବର ବାହାଘରକୁ ପ୍ରଶଂସା କରିଛନ୍ତି। ଏହି ଭିଡିଓ ଏକଥା ଦର୍ଶାଉଛି ଯେ, ଟଙ୍କା ପଇସା ବିନା ଆଡ଼ମ୍ବରରେ ବି ବାହାଘର ଭଳି ଏକ ସୁନ୍ଦର ମୁହୂର୍ତ୍ତକୁ ଖୁସିରେ ଉପଭୋଗ କରିହେବ। ଏଭଳି ବାହାଘର ପରିବେଶ ଅନୁକୂଳ ବୋଲି କିଛି ଲୋକ ପ୍ରତିକ୍ରିୟା ଦେଉଛନ୍ତି।

ବିଲେଇ ପେଟରେ ୨୬ଟି ହେୟାରବ୍ୟାଣ୍ଡ

ଅନେକ ଲୋକଙ୍କର ଅଜବ ଖାଦ୍ୟାଭ୍ୟାସ ଥାଏ। ଏଥିଯୋଗୁଁ ଅନେକ ସମୟରେ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ପେଟରୁ ଷ୍ଟିଲ୍ ଚାମଚ, ଟୁଥ୍‌ବ୍ରସ୍, ଲୁହାକଣ୍ଟା ଆଦି ବାହାର କରାଯାଏ। ହେଲେ ଆମେରିକାର ଫ୍ଲୋରିଡାରେ ମିଡ୍‌ନାଇଟ୍ ନାମକ ଏକ ୬ ବର୍ଷର ବିଲେଇ ପେଟରୁ ୨୬ଟି ହେୟାର ବ୍ୟାଣ୍ଡ ବାହାରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମିଡ୍‌ନାଇଟ୍‌ର ସ୍ୱାସ୍ଥ୍ୟାବସ୍ଥା ଅଚାନକ ଖରାପ ହୋଇଯାଇଥିଲା। ଗମ୍ଭୀର ସ୍ଥିତିରେ ବିଲେଇଟିକୁ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଯାଞ୍ଚ କରାଯିବା ପରେ ତାର ଅନ୍ତନଳୀରେ ବ୍ଲକେଜ୍ ହୋଇଥିବା ଜଣାପଡ଼ିଥିଲା। ଏହାପରେ ବିଲେଇଟିର ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିଲା। ମିଡ୍‌ନାଇଟ୍ ପେଟରୁ ୨୬ଟି କେଶ ବନ୍ଧା ବ୍ୟାଣ୍ଡ (ହେୟାର ବ୍ୟାଣ୍ଡ) ବାହାରିଥିଲା। ସାମାଜିକ ଗଣମାଧ୍ୟମରେ ମିଡ୍‌ନାଇଟ୍‌ର କାହାଣୀ ଭାଇରାଲ ହେବା ପରେ ଅନେକ ଲୋକ ଏହି ଘଟଣାକୁ ଦେଖି ଚିନ୍ତିତ ଓ ଚକିତ ହୋଇଯାଇଥିଲେ। ଅସ୍ତ୍ରୋପଚାର ପରେ ମିଡ୍‌ନାଇଟ୍ ଧୀରେ ଧୀରେ ଠିକ୍ ହେବା ସହ ସ୍ୱାଭାବିକ ଜୀବନ ଜିଇଁବା ଆରମ୍ଭ କରିଛି। ତେବେ ଏହି ଘଟଣାଟି ସାଧାରଣ ମାମଲା ନୁହେଁ, ବରଂ ପୋଷା ଜୀବଙ୍କ ସୁରକ୍ଷା ସହିତ ଜଡ଼ିତ ବଡ଼ ବାର୍ତ୍ତା ମଧ୍ୟ ଦେଉଛି। ପ୍ରାଣୀ ବିଶେଷଜ୍ଞଙ୍କ କହିବାନୁସାରେ, "ଘରେ ଥିବା ଛୋଟ ଛୋଟ ସାମଗ୍ରୀ ଯେପରି ରବର ବ୍ୟାଣ୍ଡ, ସୂତା, ପ୍ଲାଷ୍ଟିକ୍ ଖଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ତଥା ଅନ୍ୟାନ୍ୟ ସାମଗ୍ରୀ ପୋଷା ଜୀବଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ପୋଷା ଜୀବ ଛୁଆ ଛୁଆ ପିଲାମାନଙ୍କ ଭଳି ଜିଜ୍ଞାସୁ ହୋଇଥାନ୍ତି। ସମସ୍ତ ଜିନିଷକୁ ସ୍ପର୍ଶ କରି, ଚାଖି କିମ୍ବା ଖେଳି ତାହାକୁ ବୁଝିବାକୁ ଚେଷ୍ଟା କରନ୍ତି। ତେଣୁ ପୋଷା ଜୀବଙ୍କ ସୁରକ୍ଷାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ମାଲିକଙ୍କ ଉପରେ ନ୍ୟସ୍ତ। ତେଣୁ ଘରେ ଏଭଳି ଜିନିଷ ରଖିବା ଉଚିତ ନୁହେଁ ଯାହା ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିବ।"

'ଦାଦା'ର ସୁଟିଂ ଆରମ୍ଭ କଲେ ରାଜକୁମାର

ବଲିଉଡ୍ ଅଭିନେତା ରାଜକୁମାର ରାଓ ଭାରତୀୟ କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ଟାଇଟଲ୍ 'ଦାଦା : ଦ ସୌରଭ ଗାଙ୍ଗୁଲି ଷ୍ଟୋରି' ରଖାଯାଇଛି। ଏହି ଫିଲ୍ମର ପ୍ରଯୋଜନା ବାଣିଜ୍ୟରେ ଲଭ୍ ରଞ୍ଜନ ଓ ଅଙ୍କୁର ଗର୍ଗଙ୍କ ଲଭ୍ ଫିଲ୍ମସ୍ ଥିବାବେଳେ ବିକ୍ରମାଦିତ୍ୟ ମୋଟୱାନେ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଲଭ୍ ଫିଲ୍ମସ୍ ପକ୍ଷରୁ ଏକ ଫଟୋ ସେୟାର୍ କରାଯାଇ ଲେଖାଯାଇଛି, 'ଲାଇଟ୍ସ, କ୍ୟାମେରା, କ୍ରିକେଟ୍! 'ଦାଦା'ର ସୁଟିଂ ଏବେ ଆରମ୍ଭ ହେଲା।' ଫିଲ୍ମର କାହାଣୀ ଓ ଅନ୍ୟ କଳାକାରଙ୍କ ବିଷୟରେ ଏଯାବତ୍ କିଛି କୁହାଯାଇ ନାହିଁ। ଏହି ଫିଲ୍ମ ରିଲିଜ୍ ହେବାକୁ ବର୍ଷେରୁ ଅଧିକ ସମୟ ଲାଗିପାରେ ବୋଲି କୁହାଯାଉଛି। ରାଜକୁମାର ସୌରଭଙ୍କ ବାୟୋପିକ୍ ବ୍ୟତୀତ ଉଜ୍ଜ୍ୱଲ ନିକମ୍‌ଙ୍କ ଏକ ବାୟୋପିକ୍‌ରେ ମଧ୍ୟ କାମ କରୁଛନ୍ତି। ଏହାର ଟାଇଟଲ୍ 'ନିକମ୍' ରଖାଯାଇଛି।



ସ୍ୱସ୍ତି

ପବିତ୍ର ବୈଶାଖ ମାସ

ଆରମ୍ଭ ହୋଇଛି ବୈଶାଖ ମାସ। ଧାର୍ମିକ ଦୃଷ୍ଟିକୋଣରୁ ଏହି ମାସ ଅତ୍ୟନ୍ତ ପବିତ୍ର। ଏହି ମାସରେ ଭୀଷଣ ଗରମ ହୁଏ। ଉକ୍ତ ମାସରେ ସ୍ନାନ, ଦାନ, ଜପ ଓ ଉପବାସର ବିଶେଷ ମହତ୍ତ୍ୱ ଅଛି। ବିଶେଷକରି ପଙ୍ଖା, ବସ୍ତ୍ର, ଚପଲ, ଜଳ ଦାନ କରିବାକୁ ଶୁଭ ବୋଲି କୁହାଯାଏ।

ବୈଶାଖ ମାସ ଆରମ୍ଭ ସହ ଖରା ମାସ ଶେଷ ହୋଇଛି। ଏହି ମାସରୁ ପୁଣି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ବୈଶାଖ ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କରିବାର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ବୈଶାଖ ଶୁକ୍ଳ ପକ୍ଷ ନବମୀରେ ଦେବୀ ଲକ୍ଷ୍ମୀ ମାତା ସୀତା ଭାବେ ପୃଥିବୀରେ ପ୍ରକଟ ହୋଇଥିଲେ। ଏଣୁ ଏହା ସୀତା ନବମୀ ଏବଂ ଜାନକୀ ନବମୀ ଭାବେ ପରିଚିତ। ଏହି ମାସରେ କରାଯାଉଥିବା କାର୍ଯ୍ୟ ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ନର-ନାରାୟଣ, ନୃସିଂହ, ପର୍ଶୁରାମ, ହୟଗ୍ରୀବ ଭଳି ଅନେକ ଅବତାର ଗ୍ରହଣ କରିଥିଲେ। ଏହି ମାସରେ ଶୁଭକାର୍ଯ୍ୟ ସହିତ ଦାନ ଓ ପୂଜାପାଠ ବିଶେଷ ଗୁରୁତ୍ୱ ବହନ କରେ।

ତୁଳସୀ ମାଳା ସହ ରୁଦ୍ରାକ୍ଷ ଧାରଣ ମନା

ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ମହତ୍ତ୍ୱ ଅଛି। ଏହାକୁ ମାଁ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଏ। ସେହିପରି ରୁଦ୍ରାକ୍ଷ ଶିବଙ୍କ ସହ ଜଡ଼ିତ। ତେବେ ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ଧାରଣ କରିବା ଠିକ୍ ନୁହେଁ। ଧାର୍ମିକ ମାନ୍ୟତାନୁସାରେ ଏହାକୁ ବାରଣ କରାଯାଇଛି।

- ତୁଳସୀ ମାଳା ପିନ୍ଧିବା ପୂର୍ବରୁ ଏବଂ ପରେ କିଛି ନିୟମ ପାଳନ କରିବା ଜରୁରି।
- ଏହାକୁ ପିନ୍ଧିବା ପୂର୍ବରୁ କ୍ଷୀର ଓ ଗଙ୍ଗା ଜଳରେ ସଫା କରନ୍ତୁ। ଏହାପରେ ଭଗବାନଙ୍କ ପୂଜାର୍ଚ୍ଚନା କରି ଏହି ମାଳା ପିନ୍ଧନ୍ତୁ।
- ସେହିପରି ଆମିଷ ଖାଉଥିଲେ ଏହି ମାଳା ପିନ୍ଧିବା ଅନୁଚିତ।
- ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ପିନ୍ଧିବା ମନା। ରୁଦ୍ରାକ୍ଷ ଏବଂ ତୁଳସୀ ମାଳା ଧାର୍ମିକ ମାନ୍ୟତା ଉପରେ ଆଧାରିତ।
- ରୁଦ୍ରାକ୍ଷ ଶିବଙ୍କ ସହ ସମ୍ବନ୍ଧିତ। ଏହା ଉଗ୍ରତା ଓ ଶକ୍ତି ସହ ସମ୍ପର୍କିତ। ତୁଳସୀ ବିଷ୍ଣୁଙ୍କ ସହ ସମ୍ବନ୍ଧିତ। ପୁଣି ଏହାର ସମ୍ପର୍କ ଶାନ୍ତି ଓ ଭକ୍ତି ସହିତ। ଦୁଇଟି ମାଳାର ଉର୍ଜା ଓ ଏବଂ ଧାର୍ମିକ ମହତ୍ତ୍ୱ ଭିନ୍ନ। ସେଥିପାଇଁ ଏହାକୁ ଏକତ୍ର ପିନ୍ଧିବା ଦ୍ୱାରା ଆଧ୍ୟାତ୍ମିକ ପ୍ରଭାବଶାଳୀତା ହ୍ରାସ ପାଏ।
- ଶିବ ଓ ବିଷ୍ଣୁ ପୂଜାରେ ପ୍ରଭେଦ ଥିବାରୁ ଏହାକୁ ଏକତ୍ର ଧାରଣ କରିବା ନିଷିଦ୍ଧ। ତେବେ ଧାର୍ମିକ ଅନୁଶାସନ ଏବଂ ପରମ୍ପରାକୁ ପାଳନ କରିବା ଦୃଷ୍ଟିରୁ ଏହାକୁ ଅଲଗା ଅଲଗା ଭାବେ ପିନ୍ଧିବା ଉତ୍ତମ।

ଶ୍ରୀଯନ୍ତ୍ର ସ୍ଥାପନର ନିୟମ

ଶ୍ରୀଯନ୍ତ୍ର ବୈଭବ ଏବଂ ସମୃଦ୍ଧିର ପ୍ରତୀକ। ବାସ୍ତୁ ଶାସ୍ତ୍ର ଏବଂ ଜ୍ୟୋତିଷରେ ଏହାକୁ ମାଁ ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ କରିବାର ସବୁଠୁ ପ୍ରଭାବୀ ସାଧନ ବୋଲି କୁହାଯାଏ। ଘରେ ଶ୍ରୀଯନ୍ତ୍ରକୁ ଠିକ୍ ଭାବେ ସ୍ଥାପନା କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଜାୟ ରହେ। ଧନ, ସମୃଦ୍ଧି ଆସେ, ନକାରାତ୍ମକ ଶକ୍ତି ଦୂର ହୁଏ। ଶ୍ରୀଯନ୍ତ୍ର ସ୍ଥାପନ ପୂଜା ଘରେ କରିବାକୁ ସବୁଠୁ ଉତ୍ତମ ବୋଲି ବିବେଚନା କରାଯାଏ। ଯଦି ପୂଜା ଘରେ ଉପଲବ୍ଧ ନ ହେଉଛି ଏହାକୁ ଆଲମାରିରେ ରଖିପାରିବେ। ଯେଉଁଠି ଧନ ସମ୍ବନ୍ଧିତ ଜିନିଷ ରଖାଯାଏ। ଶ୍ରୀଯନ୍ତ୍ରକୁ ସବୁବେଳେ ସଫା ଓ ପବିତ୍ର ସ୍ଥାନରେ ରଖାଯାଏ। ଧୂଳି ମାଟି ଅପରିଷ୍କାର ସ୍ଥାନରେ ରଖନ୍ତୁ ନାହିଁ। ଘରର ପୂର୍ବ ଦିଗ ଶ୍ରୀଯନ୍ତ୍ର ସ୍ଥାପନ ପାଇଁ ଶୁଭ ଦିଗ ବୋଲି ବିବେଚନା କରାଯାଉଛି। ଶ୍ରୀଯନ୍ତ୍ର ଶୁକ୍ରବାର ସ୍ଥାପନ କରିବାକୁ ଉତ୍ତମ ବୋଲି କୁହାଯାଏ। ଶୁକ୍ରବାର ମାଁ ଲକ୍ଷ୍ମୀ ଏବଂ ଶୁକ୍ର ଗ୍ରହଙ୍କ ଦିନ। ଶୁକ୍ରବାର ସକାଳେ ଏବଂ ଲକ୍ଷ୍ମୀ ପୂଜା ମୁହୂର୍ତ୍ତରେ ସ୍ଥାପନ କରିବା ଉଚିତ। ଏହା ପୂର୍ଣ୍ଣିମା, ଅଷ୍ଟମୀ, ଶୁକ୍ରବାର ପଡ଼ୁଥିବା କୌଣସି ଶୁଭ ତିଥିରେ ସ୍ଥାପନ ପାଇଁ ଉତ୍ତମ। ସ୍ଥାପନ ସମୟରେ ଘରେ ଶୁଦ୍ଧତା ବଜାୟ ରଖିବା ଉଚିତ।

ତେବେ ପ୍ରଥମେ ଶ୍ରୀଯନ୍ତ୍ରକୁ କଞ୍ଚା କ୍ଷୀରରେ ଧୁଆଇବାକୁ ହେବ। ପୁଣି ଗଙ୍ଗା ଜଳରେ ଭଲ ଭାବେ ଶୁଦ୍ଧ କରନ୍ତୁ। ପୂଜା ସ୍ଥାନକୁ ସଫା କରିବା ଲାଗି ନାଲି ନଚେତ ହଳଦିଆ କପଡ଼ା ବିଛାନ୍ତୁ। ଶ୍ରୀଯନ୍ତ୍ରକୁ ସ୍ଥାପନ କରିବା ସମୟରେ ମନ୍ତ୍ର ଜପ କରନ୍ତୁ। ଶ୍ରୀଯନ୍ତ୍ର ସାମ୍ନାରେ ଘିଅ ଦୀପ ଜଳାନ୍ତୁ। ଫୁଲ, ଅକ୍ଷତ, ଚନ୍ଦନ, ମିଠା ଅର୍ପଣ କରନ୍ତୁ। ଶେଷରେ ଲକ୍ଷ୍ମୀଙ୍କ ଆରତି କରି ପ୍ରାର୍ଥନା କରନ୍ତୁ। ଏହାକୁ ଉତ୍ତର ପୂର୍ବ ଦିଗରେ ସ୍ଥାପନ କରନ୍ତୁ। କେବେ ବି ଏହାକୁ ଓଲଟା କିମ୍ବା ଅପରିଷ୍କାର କରି ରଖନ୍ତୁ ନାହିଁ। ନିୟମିତ ଶ୍ରୀଯନ୍ତ୍ରକୁ ପରିଷ୍କାର କରି ପୂଜା କରନ୍ତୁ। ଏହାକୁ ଠିକ୍ ଭାବେ ସ୍ଥାପନ କରିବା ଦ୍ୱାରା ଜୀବନରେ ଧନ, ସମୃଦ୍ଧି, ସୁଖ, ଶାନ୍ତି ଆସେ। ଆର୍ଥିକ ପରିସ୍ଥିତିର ସାମ୍ନା କରୁଥିଲେ, ଏହାକୁ ଠିକ୍ ଭାବେ ସ୍ଥାପନ କରିବା ଉଚିତ।

ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।
- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ବାସ୍ତୁ ଅନୁସାରେ, ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖନ୍ତୁ ନାହିଁ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୭ ଏପ୍ରିଲ ୨୦୨୬

ଧର୍ମନିରପେକ୍ଷବାଦୀମାନେ ହେଜନ୍ତୁ

ଆମ ଦେଶରେ ଧର୍ମନିରପେକ୍ଷ ଶବ୍ଦଟି ଏକପ୍ରକାର ଆଧୁନିକତାର ପର୍ଯ୍ୟାୟବାଚୀ ହୋଇଯାଇଛି । ତାସହିତ ସମାଜବାଦୀ ଶବ୍ଦ ମିଶି ଗଲେ ସୁନାରେ ସୁହାଗ ଭଳି ବୋଧ ହେଉଛି । ସାଧାରଣତଃ କଂଗ୍ରେସ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ବଡ ଗର୍ବରେ ଧର୍ମନିରପେକ୍ଷବାଦୀ ବୋଲି ପରିଚୟ ଦିଅନ୍ତି । ଅପରପକ୍ଷରେ ବିଜେପି ଓ ଏହାର ସହଯୋଗୀମାନଙ୍କୁ ସାମ୍ପ୍ରଦାୟିକ, ପୁଞ୍ଜିବାଦୀ ବୋଲି ଅପମାନସୂଚକ ଶବ୍ଦ ପ୍ରୟୋଗ କରିଥାନ୍ତି । ବିଭାଜନ ପୂର୍ବରୁ ମଧ୍ୟ ଏ ଶବ୍ଦର କଂଗ୍ରେସ ଭରପୁର ପ୍ରଚାର କରୁଥିଲା । ଅନ୍ୟମାନେ ଭାଇଚାରା ଓ 'ଗଙ୍ଗାଜମୁନା ତହଜିବ' ଶବ୍ଦର ଖୁବ ଜୋରଶୋରରେ ପ୍ରଚାର କରୁଥିଲେ । ଆଜିମଧ୍ୟ କଂଗ୍ରେସ ଲୋକେ 'ହିନ୍ଦୁ ମୁସଲିମ ଶିଖ ଈଶାୟୀ, ହମସବ୍ ହେ ଭାଇଭାଇ' ର ନାରା ଦିଅନ୍ତି । ଗାନ୍ଧିଜୀ ମୁସଲମାନମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶେଷନିଶ୍ୱାସ ପର୍ଯ୍ୟନ୍ତ ଲଢିଥିଲେ । ଏତେସବୁ ସତ୍ତ୍ୱେ ଧର୍ମ ଆଧାରରେ ଦେଶର ବିଭାଜନ ହେଲା । ମୁସଲିମ ସିଧାସଳଖ କହିଲା ଯେ, ହିନ୍ଦୁମାନଙ୍କ ସହ ଆମେ ଏକାଠି ରହିପାରିବୁ ନାହିଁ । ଏଣୁ ଆମ ପାଇଁ ଅଲଗା ପାକିସ୍ତାନ ଦରକାର । ସଂଖ୍ୟା ଦୃଷ୍ଟିରୁ ଯେଉଁଯେଉଁ ସ୍ଥାନରେ ମୁସଲିମ ଅଧିକ ଥିଲେ , ସେହିସବୁ ସ୍ଥାନକୁ ନେଇ ପାକିସ୍ତାନ ସୃଷ୍ଟି ହେଲା । ବିଭାଜନ ସମୟରେ ପାକିସ୍ତାନରେ ହିନ୍ଦୁମାନଙ୍କ ସଂଖ୍ୟା ପାଖାପାଖି ୨୩ ପ୍ରତିଶତ ଥିଲା । କିନ୍ତୁ ପ୍ରତାରଣା , ଭୟ ଓ ପ୍ରଲୋଭନ କାରଣରୁ ଏହି ସଂଖ୍ୟା ଏବେ ୨ ପ୍ରତିଶତକୁ ଖସି ଆସିଛି । ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ଦେଶ ସୃଷ୍ଟି ହେବାରୁ ଭାରତରେ ରହିଯାଇଥିବା ମୁସଲମାନମାନେ ପାକିସ୍ତାନ ଚାଲିଯିବେ ବୋଲି ଅନେକ ଭାବିଥିଲେ । କିନ୍ତୁ ସେପରି ହେଲାନାହିଁ । ବିହାର ଓ ଉତରପ୍ରଦେଶର ମାତ୍ର କିଛି ଲକ୍ଷ ମୁସଲମାନ ପାକିସ୍ତାନକୁ ଗଲେ । କିନ୍ତୁ ବିଧିର ବିଡମ୍ବନା ପାକିସ୍ତାନରେ ଆଜିପର୍ଯ୍ୟନ୍ତ ସେମାନଙ୍କୁ ମୁଜାହିର ବୋଲି କୁହାଯାଉଛି । କରାଚୀ ଭଳି ସ୍ଥାନରେ ଏମାନଙ୍କ ସଂଖ୍ୟା କିଛି ଅଧିକ ହୋଇଥିବାରୁ ଏମାନେ ଭଲରେ ଅଛନ୍ତି । କିନ୍ତୁ ପାକିସ୍ତାନର ଅନ୍ୟତ୍ର ସେମାନଙ୍କ ସହିତ ବିଦ୍ୱେଶ ଭାବ ଦେଖାଯାଉଛି । ବିଭାଜନ ସମୟରେ ହିଁ ଭାରତର ସମ୍ବିଧାନ ପ୍ରଣୟନ ହୋଇଥିଲା । ସେତେବେଳେ କେତେକ ସଭ୍ୟ ଧର୍ମନିରପେକ୍ଷ ଓ ସମାଜବାଦୀ ଭଳି ଶବ୍ଦର ପ୍ରୟୋଗ କରିବାକୁ ଚାହିଁଥିଲେ । କିନ୍ତୁ ବିଭାଜନକାଳୀନ ତିକ୍ତ ଅନୁଭୂତି ହେତୁ ସର୍ଦ୍ଦାର ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ ଓ ଡଃ ଭୀମରାଓ ଆମ୍ବେଦକରଙ୍କ ଭଳି ନେତାମାନେ ଏହାର ପ୍ରବଳ ବିରୋଧ କରନ୍ତେ ସମ୍ବିଧାନରେ ଏହି ଶବ୍ଦକୁ ପୁରାଇବା ସମ୍ଭବ ହେଲା ନାହିଁ । ସ୍ମରଣଯୋଗ୍ୟ ଯେ, ୧୯୭୬ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା ବେଳେ ଏବଂ ସମସ୍ତ ବିରୋଧୀଦଳ ନେତା ଜେଲରେ ବନ୍ଦୀ ଥିଲାବେଳେ ବିନା ଆଲୋଚନାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରାଗାନ୍ଧୀ ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ଏକପ୍ରକାର ପଛ ଦରଜା ଦେଇ ପୁରାଇ ଦେଇଥିଲେ । ସମ୍ବିଧାନର ମୁଖବନ୍ଧକୁ ଏହାର ଆତ୍ମା ବୋଲି ଧରାଯାଏ । ଏହା ଅପରିବର୍ତ୍ତନୀୟ ବୋଲି ସାରା ବିଶ୍ୱରେ ଏକ ବିଶ୍ୱାସ ରହିଛି । କିନ୍ତୁ ତାହାସତ୍ତ୍ୱେ ଏହି ଦୁଇଟି ଶବ୍ଦକୁ ଏକ ଅତ୍ୟନ୍ତ ବିବାଦୀୟ ପରିସ୍ଥିତିରେ ଆମ ସମ୍ବିଧାନର ମୁଖବନ୍ଧରେ ଯୋଡି ଦିଆଯାଇଛି । ଏବେବି ଆମଦେଶରେ କଂଗ୍ରେସ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ଧର୍ମନିରପେକ୍ଷବାଦୀ ଓ ସମାଜବାଦୀ କହି ଗର୍ବକରନ୍ତି । ସେମାନଙ୍କ ସଙ୍ଗରେ ମୁସଲିମ ଲିଗ ଓ ଏଆଇଏମଏମ ଭଳି ଘୋର ସାମ୍ପ୍ରଦାୟିକ ଦଳ ମଧ୍ୟ ନିଜକୁ ଧର୍ମନିରପେକ୍ଷ ଓ ସମାଜାବାଦୀ ବୋଲି କହିଥାନ୍ତି । କଥାକଥାରେ ଏମାନେ ଭାଇଚାରା ଓ ଗଙ୍ଗାଜମୁନା ତହଜିବ' ଶବ୍ଦର ପ୍ରୟୋଗ କରିବାରେ ଗର୍ବ ଅନୁଭବ କରିଥାନ୍ତି । ସମ୍ପ୍ରତି ବଙ୍ଗଳାଦେଶରେ ଅନୁଷ୍ଠିତ ସତ୍ତାପରିବର୍ତ୍ତନ ପରେ ଧର୍ମନିରପେକ୍ଷ ଶବ୍ଦର ଅସଲ ଚେହେରା ପଦାକୁ ଆସିଛି । ବଙ୍ଗଳାଦେଶର ଗଠନ ପୂର୍ବ ପାକିସ୍ତାନ ସ୍ଥାନରେ ହିଁ ହୋଇଛି । ପାକିସ୍ତାନ ଗଠନ ସମୟରେ ସେଠାରେ ମଧ୍ୟ ରକ୍ତର ନଦୀ ବୋହିଥିଲା । ନୂଆଖାଲି , ଚିଟଗାଓଁ ଭଳି ସ୍ଥାନରେ ହଜାରହଜାର ହିନ୍ଦୁଙ୍କ ଗୃହଦାହ , ହତ୍ୟା, ମହିଳାମାନଙ୍କୁ ଦୁଷ୍କର୍ମ ଓ ଲୁଣ୍ଠନ ଭଳି ଅବସ୍ଥାର ସାକ୍ଷୀ ଅଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ହେଲା ଯେ, ୧୯୭୧ରେ ସେହି ପୂର୍ବ ପାକିସ୍ତାନରେ ବଙ୍ଗାଳୀମାନଙ୍କ ଉପରେ ପଶ୍ଚିମପାକିସ୍ତାନର ସେନା ଅକଥନୀୟ ଅତ୍ୟାଚାର କଲେ । ସେଠାକାର ପାକିସ୍ତାନୀ ସେନାନାୟକ ନିଆଜୀ କହିଥିଲେ ଯେ, ମୁଁ ବଙ୍ଗାଳୀମାନଙ୍କ ଜିନକୁ ବଦଳାଇଦେବାକୁ ଚାହେଁ ବୋଲି ନିର୍ଦ୍ଦେଶ ଦେଲାପରେ ସେଠାକାର ପାକିସ୍ତାନୀ ସୈନ୍ୟମାନେ ହଜାରହଜାର ବଙ୍ଗୀୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏହାର ପ୍ରତିବାଦ କରନ୍ତେ ଲକ୍ଷାଧିକ ବଙ୍ଗାଳୀଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଉପରେ ଘୋର ଦମନଲୀଳା ଚାଲିଥିଲା । ଏହାର ପରିଣାମରେ ଏକକୋଟିରୁ ଉର୍ଦ୍ଧ୍ୱ ବଙ୍ଗାଳୀ ଶରଣାର୍ଥୀ ଭାରତରେ ପ୍ରବେଶ କରିବା ଓ ଭାରତୀୟ ସେନା ସେମାନଙ୍କୁ ତାଲିମ ଦେଇ ମୁକ୍ତିବାହିନୀ ଗଢିବା ଆଜି ଇତିହାସ ହୋଇଯାଇଛି । ତେବେ ମୁକ୍ତିବାହିନୀ ସହ ମିଶି ଭାରତୀୟ ସେନା ସେଠାରେ ପାକିସ୍ତାନୀ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲେ। ଏହାପରେ ନୂତନ ବଙ୍ଗଳାଦେଶର ଜନ୍ମ ହୋଇଥିଲା । ମୁକ୍ତିବାହିନୀର ନେତୃତ୍ୱ ନେଇଥିବା ଶେଖ ମୁଜିବୁର ରହମାନ ନୂଆକରି ଗଢାଯାଇଥିବା ବଙ୍ଗଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବର ବଙ୍ଗଳାଦେଶକୁ ଏକ ଧର୍ମନିରପେକ୍ଷ ଦେଶଭାବେ ଘୋଷଣା କରିଥିଲେ । କିନ୍ତୁ ପାଂଚବର୍ଷ ଭିତରେ ତାଙ୍କର ଅଧିନରେ ଥିବା ସେନାନାୟକ ବିଦ୍ରୋହ କରି ତାଙ୍କୁ ହତ୍ୟା କରିବା ସହ କ୍ଷମତାଛଡେଇ ନେଇଥିଲେ । ତାପରେ ସେ ଏହି ଦେଶକୁ ଇସଲାମିକ ରିପବ୍ଲିକ ଘୋଷଣା କଲେ । ପରେପରେ ଅନେକଥର ସେନାବାହିନୀର ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାମରିକ ବିଦ୍ରୋହ ସତାପରିବର୍ତନ ହେବା ପରେ ଶେଷରେ ଏଠାରେ ପୁଣି ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲିଲା ଏବଂ ଶେଖ ମୁଜିବୁର ରହମାନଙ୍କ ପୁତ୍ରୀ ଶେଖ ହସୀନା ପ୍ରଧାନମନ୍ତ୍ରୀ ଭାବେ କ୍ଷମତାସୀନ ହେଲାପରେ ୨୦୧୧ରେ ସମ୍ବିଧାନ ସଂଶୋଧନ କରି ଏଥିରେ ତିନୋଟି ପରିବର୍ତନ କରିଥିଲେ । ପ୍ରଥମଟି ହେଲା ବଙ୍ଗଳାଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ । ଦ୍ୱିତୀୟରେ ସାମରିକ ବାହିନୀ ଦ୍ୱାରା କ୍ଷମତା ପରିବର୍ତନ ହୋଇପାରିବ ନାହିଁ । ତୃତୀୟଟି ଥିଲା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ ଫାଦର ଅଫ ଦି ବଙ୍ଗଳାଦେଶ ବା ବଙ୍ଗଳାଦେଶର ରାଷ୍ଟ୍ରପିତା ଘୋଷଣା କରାଯାଇଥିଲା । ଏହାସତ୍ତ୍ୱେ ଚଳିତବର୍ଷ ଛାତ୍ର ଆନ୍ଦୋଳନକୁ ଆଳ କରି ସେଠାକାର ଜିହାଦୀ ଓ

ଆତ୍ମଗର୍ବ ନୁହେଁ, ଆତ୍ମରକ୍ଷା ପାଇଁ ଯୁଦ୍ଧ

ପୌରାଣିକ ଉପାଖ୍ୟାନରେ ସବୁ ସମୟରେ ଇନ୍ଦ୍ରଙ୍କ କଥା ଆସେ । ବିଶ୍ୱ ବ୍ରହ୍ମାଣ୍ଡରେ ଯେକୌଣସି ବ୍ୟକ୍ତି ଯେକୌଣସି ଉଦ୍ଦେଶ୍ୟରେ ତପସ୍ୟା କରୁ ବା ଶକ୍ତି ସଂଚୟ କରୁ, ଇନ୍ଦ୍ରଙ୍କୁ ସବୁବେଳେ ନିଜ ସିଂହାସନ ଚାଲିଯିବାର ଭୟ ଦେଖାଯାଏ । ଏଣୁ କ୍ଷମତା ଚାଲିଯିବା ଭୟର ବଶବର୍ତ୍ତୀ ହୋଇ ସେହି ତପସ୍ୱୀ ବା ଶକ୍ତି ବିରୋଧରେ ଇନ୍ଦ୍ର ମହାରାଜ ପରୋକ୍ଷ ବା ପ୍ରତ୍ୟକ୍ଷ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଯାଆନ୍ତି । କିନ୍ତୁ ପରିଣାମସ୍ୱରୂପ ସବୁ ସମୟରେ ଇନ୍ଦ୍ର ମହାରାଜ ପରାଜୟ ବରଣ କରନ୍ତି ଏବଂ ନିଜର ଭୁଲ୍ ବୁଝିପାରି କ୍ଷମା ମାଗି ଆସନ୍ତି । ଅନେକ ସମୟରେ ନିଜର ଶକ୍ତିକୁ ନେଇ ଇନ୍ଦ୍ରଙ୍କ ମନରେ ଅହଂକାର ବି ଆସେ ଯେ, ସେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି, କିନ୍ତୁ ଏହି ଅହଂକାର କାରଣରୁ ସବୁ ସମୟରେ ସେ ଲଜ୍ଜିତ ବି ହୁଅନ୍ତି । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଗୋପବାସୀଙ୍କୁ ଗିରି ଗୋବର୍ଦ୍ଧନଙ୍କ ପୂଜା କରିବାକୁ ଆଗ୍ରହ କଲେ, ସେତେବେଳେ ଇନ୍ଦ୍ର ଭାବିଲେ ତାଙ୍କୁ ପୂଜା ନକରି ଗୋପବାସୀ ଗୋବର୍ଦ୍ଧନ ପର୍ବତକୁ କାହିଁକି ପୂଜା କରୁଛନ୍ତି । ଏଣୁ ସେ ତାଙ୍କର ଶକ୍ତି ପ୍ରୟାଗ କରିବାକୁ ଯାଇ ବର୍ଷାର ପ୍ରଳୟ ସୃଷ୍ଟିକଲେ, କିନ୍ତୁ ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତ ଉଠାଇ ସମସ୍ତ ଗୋପବାସୀଙ୍କୁ ରକ୍ଷାକଲେ ଏବଂ ଇନ୍ଦ୍ର ନିଜ ଶକ୍ତିର ଅହଙ୍କାରକୁ ଜାଣିପାରି ବାଲ୍ ଶ୍ରୀକୃଷ୍ଣଙ୍କ ପାଖରେ କ୍ଷମାପ୍ରାର୍ଥନା କରିଥିଲେ । ଏଠାରେ ଆମେରିକାର ଅବସ୍ଥା ମଧ୍ୟ ଠିକ୍ ସେୟା । ଆମେରିକା ନିଜକୁ ନିଜେ ବିଶ୍ୱର ସର୍ବଶକ୍ତିଶାଳୀ ଓ ବିଶ୍ୱ ସମ୍ରାଟ ଭାବେ ସ୍ୱଘୋଷିତ କରି ଅନ୍ୟ ଯେକୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ପଛାଏ ନାହିଁ । ଦେଖାଇବା ପାଇଁ ତ କାରଣ ଅଲଗା ଥାଏ, କିନ୍ତୁ ଉଦ୍ଦେଶ୍ୟ ହେଉଛି ଯେପରି କୌଣସି ଦେଶ ଆମେରିକା ଠାରୁ ଶକ୍ତିଶାଳୀ ନହୁଏ ଏବଂ କୌଣସି ବ୍ୟକ୍ତି ଆମେରିକାର ରାଷ୍ଟ୍ରପତିଙ୍କ ଠାରୁ ବଡ଼ ନହୋଇଯାଏ । ସେଥିଲାଗି ବିନା କାରଣରେ ଆମେରିକା ନିଜର ବଡ଼ପଣିଆ ଜାହିର କରିବା ପାଇଁ ଅନେକ ଦେଶ ସହିତ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଯାଏ । ପରିଣାମସ୍ୱରୂପ ନିରୀହ ବ୍ୟକ୍ତିଙ୍କୁ ନିଜ ଜୀବନ ହରାଇବା ସହିତ ଅନେକ ଦେଶର ସଭ୍ୟତା ଓ ସମ୍ପତି ବରବାଦ୍ ହୋଇଯାଏ । ଅନେକ ଯୁଦ୍ଧ ବିନା ପରିଣାମରେ ଶେଷ ହୁଏ । ଏଥିରେ ଆମେରିକାର କି ଲାଭ ହୋଇଛି ବୁଝାଯାଏନି, କିନ୍ତୁ କ୍ଷତି ତ ସମଗ୍ର ବିଶ୍ୱର, ମାନବ ସମାଜ ଓ ସଭ୍ୟତାର ହୋଇଛି ଏହା ନିଶ୍ଚିତ । ୧୯୪୭ରୁ ୧୯୯୧ ପର୍ଯ୍ୟନ୍ତ ଆମେରିକା ଓ ସୋଭିଏତ ୟୁନିଅନ (ରୁଷିଆ) ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିଲା । ଉଦ୍ଦେଶ୍ୟ ଏହା ଦେଖେଇବାର ଥିଲା ଯେ, ବିଶ୍ୱରେ କେଉଁ ଦେଶ ଶ୍ରେଷ୍ଠ, ଆମେରିକା ନା ସୋଭିଏତ ୟୁନିଅନ ? ଇଚ୍ଛା ନଥିଲେ ବି ବିଶ୍ୱର ଅନେକ ଦେଶଙ୍କୁ ନିଜ ସମର୍ଥନରେ ଲଢ଼େଇ କରିବା ପାଇଁ ଦୁଇ ଦେଶ ଏକପ୍ରକାର ବାଧ୍ୟ କରିଦେଇଥିଲା । ପରିଣାମସ୍ୱରୂପ ଆଜି ମଧ୍ୟ ଏହା ଅସମାହିତ ପ୍ରଶ୍ନ ଯେ, ଏହି ଯୁଦ୍ଧରେ ଆମେରିକା ବିଜୟ ହୋଇଥିଲା ନା ସୋଭିଏତ ରୁଷିଆ । ୧୯୫୫-୧୯୭୫ ପର୍ଯ୍ୟନ୍ତ ଭିଏତନାମାରେ ଆମେରିକାର ଯୁଦ୍ଧ ଲଢ଼ିଥିଲା । ଉଦ୍ଦେଶ୍ୟ କମ୍ୟୁନିଜିମକୁ ରୋକିବାର କୁହାଯାଉଥିଲେ ମଧ୍ୟ ମୁଖ୍ୟ ଉଦ୍ଦେଶ୍ୟ ଭିଏତନାମାକୁ ଦଖଲ କରିବାର ଥିଲା । ପରିଣାମ ୨୦ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ଆମେରିକାର ୫୮ ହଜାରରୁ ଅଧିକ ସୈନ୍ୟ ମୃତ୍ୟୁବରଣ କରିବା ସହିତ ତିନିଲକ୍ଷରୁ ଅଧିକ ସୈନ୍ୟ ଆହତ ହୋଇଥିଲେ । ଭିଏତନାମା ଦେଶର ୨୦ରୁ ୪୦ଲକ୍ଷ ସାଧାରଣ ଜନତା ମୃତ । ଶେଷରେ ଯୁଦ୍ଧର ପରିଣାମ ଅସମାହିତ ଭାବେ ଶେଷ ହୋଇଥିଲା । ୨୦୦୧ରୁ ୧୦୧୨ ମସିହା ପର୍ଯ୍ୟନ୍ତ ଆମେରିକା ଓ ଆଫଗାନିସ୍ତାନ ଯୁଦ୍ଧର ଉଦାହରଣ ନିଅନ୍ତୁ । ରୁଷିଆ ବିରୋଧରେ ଆଫଗାନିସ୍ତାନରେ ତାଲିବାନମାନଙ୍କୁ ପୋଷଣ କରି ବଡ଼ କରିଥିଲା ଆମେରିକା । କିନ୍ତୁ ଯେତେବେଳେ ଜେହାଦୀ ଶକ୍ତି ଆମେରିକାର କଥା ନମାନି ଭସ୍ମାସୁର ଭଳି ବ୍ୟବହାର କରିଥିଲେ ସେତେବେଳେ ଆମେରିକା ତାଲିବାନ ବିରୋଧରେ ୨୦ବର୍ଷ କାଳ ଯୁଦ୍ଧ ଲଢ଼ିଥିଲା । ଯେଉଁଥିରେ ଆମେରିକାର ତିନିହଜାରରୁ ଅଧିକ ସେନା ମୃତ ଏବଂ ହଜାର ହଜାର ଆଫଗାନି ନାଗରିକ ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ଆଫଗାନିସ୍ତାନର ବିକାଶ ବାଧାପ୍ରାପ୍ତ ହୋଇଥିଲା । ପରିଣାମ, ଯେଉଁ ତାଲିବାନମାନଙ୍କୁ ମୂଳପୋଛ ପାଇଁ ଆମେରିକା ଯୁଦ୍ଧ ଲଢୁଥିଲା, ୨୦୨୧ ମସିହାରେ ତାଲିବାନ ସରକାର ଆଫଗାନିସ୍ତାନରେ ଆସିବା ପରେ ଆମେରିକାର ସେନା ବାଧ୍ୟ ହୋଇ ଆଫଗାନିସ୍ତାନ ଛାଡ଼ି ଚାଲି ଆସିଥିଲେ । ୨୦୦୩ରୁ ୨୦୧୧ ପର୍ଯ୍ୟନ୍ତ ଇରାନରେ ଆମେରିକାର ଯୁଦ୍ଧ ବି ସେହିଭଳି ଥିଲା । ସଦ୍ଦାମ ହୁସେନକୁ ପ୍ରଥମେ ଇରାନ ବିରୋଧରେ ଆମେରିକା ଶକ୍ତିଶାଳୀ କରିବା ପରେ, ଶେଷରେ ଆମେରିକାର କଥା ନମାନିବାରୁ ସଦ୍ଦାମ ହୁସେନ ବିରୁଦ୍ଧରେ ୮ବର୍ଷ ଧରି ଯୁଦ୍ଧ ଲଢ଼ିଥିଲା ଆମେରିକା । କିନ୍ତୁ ସେହି ଯୁଦ୍ଧରେ ବି ଆମେରିକାର କୌଣସି ଲାଭ ହୋଇନଥିଲା । ଏଇ କିଛିଦିନ ତଳର ଘଟଣା ନିଅନ୍ତୁ । ଭେନେଜୁଏଲାର ରାଷ୍ଟ୍ରପତି ନିକଲାସ ମାଦୁରାଙ୍କୁ ତାଙ୍କ ପତ୍ନୀଙ୍କ ସହ ରାତିଅଧରେ ଆମେରିକାର ସୈନ୍ୟମାନେ ହାତକଡ଼ି ପକାଇ ଉଠାଇ ଆଣିଥିଲେ । କୌଣସି ଦେଶର ସାର୍ବଭୌମତ୍ୱକୁ ହତାଦର କରିବା କ'ଣ ଆମେରିକା ପକ୍ଷେ ଠିକ୍ ହୋଇଥିଲା । ଏବେ ଆସନ୍ତୁ ଆମେରିକା ଓ ଇରାନ ଯୁଦ୍ଧ କଥାକୁ । ଇରାନର ଉଦାହରଣ ପୌରାଣିକ ଚରିତ୍ର କୁବେରଙ୍କ ଭଳି । କୁବେରଙ୍କ ପାଖରେ ଯେଉଁଭଳି ଅମାପ ସମ୍ପତ୍ତି ଠୁଳ ହେବାପରେ ସେ ଭାବିଲେ ଯେ ଏହି ଧନ ମାଧ୍ୟମରେ ମୁଁ କାହାକୁ ବି କିଣିପାରେ । ଏହି ଅହଂକାର କାରଣରୁ ଭଗବାନ ରାମଙ୍କୁ ମଧ୍ୟ ଲଙ୍କା ବିଜୟ ସମୟରେ ସମୁଦ୍ରରେ ସେତୁ ନିର୍ମାଣ କରିବା ପାଇଁ ମଧ୍ୟ କୁବେର ସହଯୋଗ କରିନଥିଲେ । ପରିଣାମ ସ୍ୱରୂପ, ଭଗବାନ ରାମଙ୍କ କୋପଦୃଷ୍ଟିର ସମ୍ମୁଖୀନ ତାଙ୍କୁ ହେବାକୁ ପଡ଼ିଲା । ବର୍ତ୍ତମାନ ବିଶ୍ୱର ପ୍ରଧାନ ଶକ୍ତିସ୍ରୋତ ହେଉଛି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ । ସୌରଶକ୍ତି, ପବନଶକ୍ତିର ବହୁଳ ଉପଯୋଗ ଓ ଉତ୍ପାଦନ ଏପର୍ଯ୍ୟନ୍ତ ହୋଇପାରିନାହିଁ । ଏଣୁ ଖଣିଜ ତୈଳଭଣ୍ଡାର ଥିବା ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ସବୁ ସମୟରେ ଏହି ଖଣିଜ ତୈଳ ଉପଲବ୍ଧ ଧନ ଦ୍ୱାରା ପରସ୍ପର ମଧ୍ୟରେ ଲଢ଼େଇ କରିଥାନ୍ତି । ଅନ୍ୟପକ୍ଷରେ ଆମେରିକା, ରୁଷିଆ, ଚାଇନା ଭଳି ଦେଶ ମଧ୍ୟରେ ତୈଳଖଣିକୁ କିଏ ଅଧିକରୁ ଅଧିକ ଉପଭୋଗ ଓ ନିଜ ଅକ୍ତିଆରରେ ରଖିପାରିବ ସେଥିପାଇଁ ଯୁଦ୍ଧ କରନ୍ତି । ହିନ୍ଦୁତ୍ୱକୁ ଧର୍ମନିରପେକ୍ଷତାରେ ବାଧା ସୃଷ୍ଟି କରୁଥିବା କଥା କୁହାଯାଉଥିବା ବେଳେ ଇସଲାମିକ ଓ ଖ୍ରୀଷ୍ଟିଆନ ଦେଶମାନଙ୍କ ମଧ୍ୟରେ ଆଜି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିଜ ନିଜର ଧର୍ମର ବର୍ଚ୍ଚସ୍ୱ ସ୍ଥାପନା ପାଇଁ ମଧ୍ୟ ଏହି ଯୁଦ୍ଧ ଚାଲିଛି । ଯୁଦ୍ଧ ସମୟରେ ଆପଣମାନେ ଦେଖିଥିବେ ଇରାନ ବଙ୍କର ମଧ୍ୟରେ କ୍ଷେପଣାସ୍ତ୍ର ସାମ୍ନାରେ ସୈନ୍ୟମାନେ ନମାଜ କରୁଥିବାର ଦୃଶ୍ୟର ଚିତ୍ର ଜାରି କଲାବେଳେ, ସମସ୍ତ ବଡ଼ ବଡ଼ ଈସାଇ ଧର୍ମଗୁରୁମାନେ ଟ୍ରମ୍ପଙ୍କୁ ସାମ୍ନାରେ ବସାଇ ପ୍ରାର୍ଥନା କରୁଥିବାର ଭିଡିଓ ଆମେରିକା ଜାରି କରୁଛି । ସବୁବେଳେ ମନେ ରଖିବାକୁ ହେବ ଯେ, ଯୁଦ୍ଧରେ କାହାର ବି ଲାଭ ହୁଏନାହିଁ । ନା ଜିତିବା ପକ୍ଷର, ନା ହାରିବା ପକ୍ଷର । ଯୁଦ୍ଧ ହେଉଛି ସବୁବେଳେ ଅନ୍ତିମ ବିକଳ୍ପ । ମଧ୍ୟପ୍ରାଚ୍ୟର ଦେଶମାନଙ୍କୁ ଓ ଆମେରିକା, ରୁଷୀୟ, ଚୀନ, ଇସ୍ରାଏଲ ଭଳି ମହାଶକ୍ତିମାନଙ୍କୁ ମନେରଖିବାକୁ ହେବ ଯେ, ସମୟ ସଦା ପରିବର୍ତ୍ତନଶୀଳ । ସମୟର ଚକ ସର୍ବଦା ଘୂରିବୁଲୁଛି । ଆଜି ଯେଉଁ ତୈଳ ଓ ସାମରିକ ଶକ୍ତିକୁ ନେଇ ସମସ୍ତେ ଅହଙ୍କାରରେ ମସ୍‌ଗୁଲ । କାଲି ସେହି ଶକ୍ତି ଆଉ କେଉଁ ଦେଶ ପାଖରେ ଥିବ । ଖଣିଜ ତୈଳର ଭଣ୍ଡାର ମଧ୍ୟ ଅସୀମିତ ନୁହେଁ, କେବେ ନା କେବେ ତାହା ସମାପ୍ତ ହୋଇଯିବ । ଏଣୁ ସମସ୍ତଙ୍କୁ ବିଶ୍ୱ ଏକ ପରିବାର ଭାବରେ ଚଳିବାକୁ ହେବ । ମଧ୍ୟପ୍ରାଚ୍ୟର ଦେଶମାନେ ବିଶ୍ୱର ଅନ୍ୟ ଦେଶମାନଙ୍କୁ ତେଲ ବନ୍ଦ କରିଦେବାର ଧମକ ଦିଅନ୍ତି । ସେମାନେ କେବେ ଚିନ୍ତା କରିଛନ୍ତି କି ଯଦି ତାର ପ୍ରତିବଦଳରେ ବିଶ୍ୱର ଅନ୍ୟାନ୍ୟ ଦେଶ ସେଠାକୁ ଖାଦ୍ୟ ପଦାର୍ଥ, ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ପଠାଇବା ବନ୍ଦ କରିଦେବେ ତାହାହେଲେ ସେମାନଙ୍କ ଅବସ୍ଥା କ'ଣ ହେବ ?

ଅଣ୍ଡା ଝୁଡ଼ି ଝଟ୍‌କା

ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ, ଡିଜେଲ ଭଳି ସମ୍ବେଦନଶୀଳ ଦ୍ରବ୍ୟମାନଙ୍କର ଖାଉଟି ମୂଲ୍ୟରେ ବୃଦ୍ଧି ସରକାରଙ୍କ ପାଇଁ ନିଶ୍ଚିତ ରୂପେ ଅସୁବିଧାଜନକ ସାବ୍ୟସ୍ତ ହୁଅନ୍ତା । ଯଦି ନିକଟ ଭବିଷ୍ୟତରେ ଯୁଦ୍ଧରେ ଅନ୍ତ ନ ଘଟେ, ତେବେ ନିର୍ବାଚନ ପରେ ସେ ଇନ୍ଧନମାନଙ୍କର ଖାଉଟି ଦରରେ ବୃଦ୍ଧି ଘଟିବା ଅନିବାର୍ଯ୍ୟ ଭଳି ମନେ ହୁଏ । ଆମକୁ ସେଥିପାଇଁ ପ୍ରସ୍ତୁତ ରହିବାକୁ ହେବ । ସଂସାର ନାମକ ଏକ ଅନିଶ୍ଚିତ ତଥା ବିପଦସଂକୁଳ ସ୍ଥାନରେ ନିରାପଦରେ ଜୀବନ ବିତାଇବା ପାଇଁ ମନୁଷ୍ୟକୁ ଯେଉଁ କେତେକ ଆଦର୍ଶ ଆଚରଣ ବିଧି ପାଳନ କରିବା ଲାଗି ପଣ୍ଡିତମାନେ ସଦାବେଳେ ଉପଦେଶ ଦେଇ ଆସିଛନ୍ତି, ସେଥିମଧ୍ୟରୁ ଗୋଟିଏ ପ୍ରମୁଖ ହେଉଛି: ତୁମର ସବୁତକ ଅଣ୍ଡା ଗୋଟିଏ ଝୁଡ଼ିରେ ରଖ ନାହିଁ। ସଂସାରର ସୃଷ୍ଟିକର୍ତ୍ତା ଈଶ୍ୱର କିନ୍ତୁ କୌଣସି ମନୁଷ୍ୟ-ପ୍ରଦତ୍ତ ଉପଦେଶ ମାନିବାକୁ ବାଧ୍ୟ ନୁହନ୍ତି । ତେଣୁ ସେ ମନୁଷ୍ୟକୁ ଅସୁବିଧାରେ ପକାଇବା ନିମନ୍ତେ ମନୁଷ୍ୟ ପାଇଁ ଅପରିହାର୍ଯ୍ୟ ବିବେଚିତ ହେଉଥିବା ଏକ ନିର୍ଦ୍ଦିଷ୍ଟ କିସମର ଅଣ୍ଡା ସବୁକୁ ଗୋଟିଏ ଝୁଡ଼ିରେ ରଖି ଦେଇଛନ୍ତି। ସେତିକି ନୁହେଁ, ବର୍ତ୍ତମାନ ସେ ସମଗ୍ର ପୃଥିବୀବାସୀଙ୍କୁ ଆତଙ୍କିତ କରି ସେଇ ଝୁଡ଼ିଟି ଥୁଆ ହୋଇଥିବା ସ୍ଥାନରେ ଏକ ଭୟଙ୍କର ଯୁଦ୍ଧ ଆରମ୍ଭ କରିଦେଇ ଝୁଡ଼ିଟିକୁ ଦୋହଲାଇବାରେ ଲାଗିଛନ୍ତି । କାହାରି ପାଇଁ ବୁଝିବା ବାକି ନ ଥିବ ଯେ ଏଇ ଅମୂଲ୍ୟ ଅଣ୍ଡା ହେଉଛି ଅଶୋଧିତ ତୈଳ, ଝୁଡ଼ିଟି ହେଉଛି ପଶ୍ଚିମ ଏସିଆର ପାରସ୍ୟ ଉପସାଗରୀୟ ଅଂଚଳ ଏବଂ ଯୁଦ୍ଧ ହେଉଛି ବର୍ତ୍ତମାନ ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଲଢ଼େଇ । ଅଣ୍ଡା ଝୁଡ଼ିଟି ଦୋହଲିଲେ ସେଥିରେ ଥିବା କିଛି ଅଣ୍ଡା ତଳେ ପଡ଼ି ଭାଙ୍ଗିଯିବାର ସମ୍ଭାବନା ଥିବା ଭଳି, ଯାହା ଅଣ୍ଡାର ଅଭାବ ସୃଷ୍ଟି କରିଥାଏ, ପଶ୍ଚିମ ଏସିଆ ?ଯୁଦ୍ଧ ଯୋଗୁଁ ସେଇଭଳି ତୈଳ ଯୋଗାଣରେ ଗୁରୁତର ସଂକୋଚନ ଘଟିବାର ଦୃଢ଼ ସମ୍ଭାବନା ଉପସ୍ଥିତ ଥାଏ । ଈଶ୍ୱର ମନୁଷ୍ୟ ପାଇଁ ସୃଷ୍ଟି କରିଥିବା ଅଶୋଧିତ ତୈଳ ରୂପକ ଏଇ ଅତ୍ୟାବଶ୍ୟକ ପ୍ରାକୃତିକ ସମ୍ବଳକୁ ପ୍ରାୟ ସଂପୂର୍ଣ୍ଣ ରୂପେ ଏଇ ଉପସାଗରୀୟ ଅଂଚଳରେ ମହଜୁଦ ରଖିଥିବାରୁ ଏଭଳି ଘଟିବା ଅନିବାର୍ଯ୍ୟ ହୋଇଥାଏ । ଅଣ୍ଡା ହେଉ କିମ୍ବା ତେ ?ଳ ହେଉ, ଯୋଗାଣରେ ସଂକୋଚନର ପରିଣତି ହୋଇଥାଏ ଦର ବୃଦ୍ଧି । ନିଜର ତୈଳ ଚାହିଦା ମେଟାଂଇବା ପାଇଁ ପ୍ରାୟ ସଂପୂର୍ଣ୍ଣ ରୂପେ ଆମଦାନି ଉପରେ ନିର୍ଭର କରୁଥିବା ଭାରତ ଭଳି ଦେଶ ତେଣୁ ଏଥିଯୋଗୁଁ ଏକ ଅର୍ଥନେ ?ତିକ ସଂକଟର ସମ୍ମୁଖୀନ ହେବା ସ୍ୱାଭାବିକ । ଯୁଦ୍ଧ ଆରମ୍ଭ ହେବାର ଏକ ମାସ ମଧ୍ୟରେ ଆନ୍ତର୍ଜାତିକ ତୈଳ ଦରରେ ପ୍ରାୟ ୩୦-୫୦ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ୍ ପିଛା ୧୧୬ ଡଲାର ସ୍ପର୍ଶ କରିବା ଦେଖାଯାଇଛି । ଏହା ଉଭୟ ସରକାର ଓ ତୈଳ କଂପାନିମାନଙ୍କ ପାଇଁ ଏକ ଧର୍ମସଂକଟ ସୃଷ୍ଟି କରିଛି: ଆମଦାନି ଦରରେ ଏହି ବୃଦ୍ଧି ସହିତ ତାଳ ଦେଇ ଦେଶର ପମ୍ପମାନଙ୍କରେ ଯଦି ଖାଉଟି ଦରରେ ବୃଦ୍ଧି ଘଟାଯାଏ, ତାହା ଦେଶର ଅଗଣିତ ଇନ୍ଧନ-ଖାଉଟିମାନଙ୍କ ପାଇଁ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରିବ ତଥା ସରକାରଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କରିବ; ଯଦି ଖାଉଟି ଦରରେ ବୃଦ୍ଧି ନ ଘଟାଇ ତୈଳ କଂପାନିମାନେ ଦର ବୃଦ୍ଧିଜନିତ ବୋଝ ନିଜେ ବହନ କରନ୍ତି, ତେବେ ତାହା ସେମାନଙ୍କୁ ଘୋର ଆର୍ଥିକ କ୍ଷତିରେ ପକାଇବ । ବର୍ତ୍ତମାନ ପାଇଁ ଏଇ ସଂକଟକୁ ସାମୟିକ ଭାବରେ ଟାଳିବା ଉଦ୍ଦେଶ୍ୟରେ ସରକାର ଖାଉଟି କିମ୍ବା ତୈଳ କଂପାନିମାନଙ୍କୁ ଯେଉଁ ଆର୍ଥିକ ବୋଝ ବହନ କରିବାକୁ ପଡ଼ନ୍ତା, ତାହାକୁ ନିଜ କାନ୍ଧକୁ ସ୍ଥାନାନ୍ତରିତ କରିଦେଇଛନ୍ତି । ସରକାର ପେଟ୍ରୋଲ ଓ ଡିଜେଲର ଖାଉଟି ଦରକୁ ସ୍ଥିର ରଖିବା ପାଇଁ ସେଗୁଡ଼ିକ ପ୍ରତି ଲାଗୁ ହେଉଥିବା ବିଶେଷ ଏକ୍ ?ସାଇଜ ଟିକସରେ ହ୍ରାସ ଘଟାଇ ଦେଇଛନ୍ତି, ଯାହା ସରକାରଙ୍କ ଦ୍ୱାରା ସେ ସୂତ୍ରରୁ ହେଉଥିବା ରାଜସ୍ୱ ସଂଗ୍ରହକୁ ବ୍ୟାହତ କରିବ । ଏଇ ଉଭୟ ବିଶୋଧିତ ଇନ୍ଧନ ଉପରେ ଲାଗୁ ହେଉଥିବା ଏକ୍ସାଇଜ ଶୁଳ୍କରେ ସରକାର ଲିଟର ପିଛା ୧୦ ଟଙ୍କା ଲେଖାଏଁ ହ୍ରାସ ଘଟାଇଛନ୍ତି, ଯାହା ପରେ ବର୍ତ୍ତମାନ ପେଟ୍ରୋଲ ଉପରେ ଏଇ ଶୁଳ୍କ ଲିଟର ପିଛା ୩ ଟଙ୍କାକୁ ଖସି ଆସିଥିବା ବେଳେ ଡିଜେଲ ଉପରେ ତାହା ଶୂନ୍ୟ ହୋଇଯାଇଛି । ପଶ୍ଚିମ ଏସିଆରେ ଯୁଦ୍ଧ ଲାଗିଯିବା ପରେ ତୈଳର ଆମଦାନି ମୂଲ୍ୟରେ ଘଟିଥିବା ବୃଦ୍ଧି ଯୋଗୁଁ ତୈଳ କଂପାନିମାନଙ୍କୁ ପେଟ୍ରୋଲ ଲିଟର ପିଛା ପ୍ରାୟ ୨୪ ଟଙ୍କା ଓ ଡିଜେଲ ଲିଟର ପିଛା ପ୍ରାୟ ୩୦ ଟଙ୍କା ଲେଖାଏଁ କ୍ଷତି ସହିବାକୁ ପଡୁଥିବା ବେଳେ, ସରକାରଙ୍କର ଏଇ ଉଦାର ପଦକ୍ଷେପ ସେମାନଙ୍କର କ୍ଷତିର ବୋଝକୁ ଆଂଶିକ ଭାବରେ ଉଶ୍ୱାସ କରିବ । ସେମାନେ କିନ୍ତୁ ଏଥିଯୋଗୁଁ ପେଟ୍ରୋଲ ଓ ଡିଜେଲର ଖାଉଟି ଦରରେ କୌଣସି ହ୍ରାସ ଘଟାଇବାର ସମ୍ଭାବନା କ୍ଷୀଣ । କାରଣ, ଶୁଳ୍କ ହ୍ରାସ ସତ୍ତ୍ୱେ ସେମାନଙ୍କୁ ତଥାପି କ୍ଷତି ସହିବାକୁ ପଡୁଛି । ଏଣେ ଏକ୍ସାଇଜ ଶୁଳ୍କ ହ୍ରାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପାଇଁ ରାଜସ୍ୱ ସଂଗ୍ରହଜନିତ ସମସ୍ୟା ସୃଷ୍ଟି କରିବ । ତେ ?ଳ ବ୍ୟବସାୟ କ୍ଷେତ୍ରରୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସଂଗ୍ରହ କରୁଥିବା ବିଭିନ୍ନ କିସମର ମୋଟ ବାର୍ଷିକ ରାଜସ୍ୱ ହେଉଛି ଯଥାକ୍ରମେ ପ୍ରାୟ ୪.୧୫ ଲକ୍ଷ କୋଟି ଟଙ୍କା ଓ ୩.୨୫ ଲକ୍ଷ କୋଟି ଟଙ୍କା । ବର୍ତ୍ତମାନର ଶୁଳ୍କ ହ୍ରାସ ସେମାନଙ୍କ ପାଇଁ ଏ ସୂତ୍ରରୁ ସଂଗୃହୀତ ରାଜସ୍ୱରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି । ୨୦୨୬-୨୭ ବଜେଟ୍‌ରେ ଏ ସୂତ୍ରରୁ ସରକାର ୧.୬୯ ଲକ୍ଷ କୋଟି ଟଙ୍କା ସକଳ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବାରୁ ବର୍ତ୍ତମାନ ଏଇ ହ୍ରାସ ସରକାରଙ୍କର ବଜେଟ୍ ହିସାବକୁ ଗୋଳମାଳ କରିଦେବାର ଦୃଢ଼ ସମ୍ଭାବନା ଦେଖାଯାଉଛି । ଯୁଦ୍ଧର ଗତିବିଧି ସମ୍ବନ୍ଧରେ ସଂପୂର୍ଣ୍ଣ ଅନିଶ୍ଚିତତା ଲାଗି ରହିଥିବା ବେଳେ ସରକାର ଘରୋଇ ଖାଉଟିମାନଙ୍କୁ ନିରାପତ୍ତା ପ୍ରଦାନ ଉଦ୍ଦେଶ୍ୟରେ ଡିଜେଲ ରପ୍ତାନିକୁ ନିରୁତ୍ସାହିତ ତଥା ସଂକୁଚିତ କରିବା ପାଇଁ ତା' ଉପରେ ଏକ ରପ୍ତାନି ଟିକସ ମଧ୍ୟ ଲାଗୁ କରିଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସୃଷ୍ଟି ହୋଇଥିବା ପଶ୍ଚିମ ଏସିଆ ତୈଳ ରୂପକ ଅଣ୍ଡା ଝୁଡ଼ି ସଂକଟ ଦ୍ୱାରା ଆକ୍ରାନ୍ତ ପୃଥିବୀର ଅନେକ ଦେଶ ଏହାର ମୁକାବିଲା କରିବା ନିମିତ୍ତ ପେଟ୍ରୋଲ ଓ ଡିଜେଲ କ୍ରୟ ଉପରେ ପରିମାଣ ନିୟନ୍ତ୍ରଣକାରୀ କଟକଣା ବା 'ରେସନିଙ୍ଗ' ଲାଗୁ କରିବା ସହିତ ତା'ର ଚାହିଦା ସଂକୁଚିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ ପଦ୍ଧତିରେ ମଧ୍ୟ ପରିବର୍ତ୍ତନ ଘଟାଇବା ଦେଖାଗଲାଣି- କୋଭିଡ୍ ସମୟରେ ଅନୁସୃତ ହେଉଥିବା ଭଳି ସେଠାରେ ଯେତେଦୂର ସମ୍ଭବ କର୍ମଚାରୀମାନେ କାର୍ଯ୍ୟାଳୟକୁ ଗମନାଗମନ ନ କରି ଇନ୍ଧନ ବଚାଂଇବା ନିମିତ ଘରେ ଥାଇ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି । ଭାରତରେ ଏ ପର୍ଯ୍ୟନ୍ତ ସେଭଳି ଘଟି ନ ଥିଲେ ହେଁ ଭବିଷ୍ୟତରେ କ'ଣ ଘଟିବ, କୁହାଯାଇ ପାରିବ ନାହିଁ । ଏଠାରେ ମଧ୍ୟ ଯାହା ପ୍ରଣିଧାନଯୋଗ୍ୟ, ତାହା ହେଲା ସରକାରଙ୍କର ଏଇ ପଦକ୍ଷେପର ସମ୍ଭାବ୍ୟ ରାଜନୈତିକ ଦିଗ । ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ, ଡିଜେଲ ଭଳି ସମ୍ବେଦନଶୀଳ ଦ୍ରବ୍ୟମାନଙ୍କର ଖାଉଟି ମୂଲ୍ୟରେ ବୃଦ୍ଧି ସରକାରଙ୍କ ପାଇଁ ନିଶ୍ଚିତ ରୂପେ ଅସୁବିଧାଜନକ ସାବ୍ୟସ୍ତ ହୁଅନ୍ତା । ଯଦି ନିକଟ ଭବିଷ୍ୟତରେ ଯୁଦ୍ଧରେ ଅନ୍ତ ନ ଘଟେ, ତେବେ ନିର୍ବାଚନ ପରେ ସେ ଇନ୍ଧନମାନଙ୍କର ଖାଉଟି ଦରରେ ବୃଦ୍ଧି ଘଟିବା ଅନିବାର୍ଯ୍ୟ ଭଳି ମନେ ହୁଏ । ଆମକୁ ସେଥିପାଇଁ ପ୍ରସ୍ତୁତ ରହିବାକୁ ହେବ ।

ଜଣେ ଜେଜେବାପା, ଜଣେ ମା'

ଆଜିର ଏ ଆଲେଖ୍ୟଟି ନିକଟରେ ପୃଥକ୍ ? ଭାବେ ଭେଟିଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ନେଇ । ଜଣେ ଜେଜେବାପା । ଆଉ ଜଣେ ମା' । ଜେଜେବାପାଙ୍କ ଠାରୁ ଆରମ୍ଭ କରୁଛି । ଅବସରପ୍ରାପ୍ତ ଶିକ୍ଷକ । ପୁଅ, ବୋହୂ, ନାତି, ନାତୁଣୀ ଥିବା ସଂସାରରୁ ହଠାତ୍ ଦିନେ ଦୁର୍ଘଟଣାର ଶିକାର ହୋଇ, ବୋହୂ ଆରପାରିକୁ ଚାଲିଗଲା । ସଂପର୍କର ସୂକ୍ଷ୍ମତାକୁ ନିଷ୍ଠୁର ସଂସାର ବୁଝେନା । ସଂସାର ଜଞ୍ଜାଳ ମାଗେ । ମାଗିଲା ମଧ୍ୟ । ମା' ଚାଲିଗଲା ପରେ, ପିଲାମାନଙ୍କର ସାହା ଭରସା ବାପା ମଧ୍ୟ ସବୁଦିନ ପାଇଁ ଦୁନିଆ ଛାଡ଼ି ଚାଲିଗଲେ । ଏବେ ଚାରିଟି ବଢ଼ିଲା ନାତି-ନାତୁଣୀଙ୍କର ଦାୟିତ୍ୱ ଜେଜେବାପାଙ୍କ ଉପରେ ନ୍ୟସ୍ତ ହୋଇଗଲା । ଲଢ଼ିବା ବୟସରେ ପୁଅ ଚାଲିଗଲା । ଷାଠିଏ ପର ବୟସରେ ଜେଜେବାପା ନେଲେ ପିଲାମାନଙ୍କର ଦାୟିତ୍ୱ । ପଲ୍ଲୀ ଛାଡ଼ିଲେ । ନୂଆ ବସା ହେଲା ରାଜଧାନୀ ଭୁବନେଶ୍ୱରର ଭଡ଼ା ଘର । ପିଲାମାନେ ସେଠି ପଢ଼ିଲେ । ଉପାର୍ଜନର ମାଧ୍ୟମ ସାମାନ୍ୟ ପେନସନ ଟଙ୍କା । ଜେଜେବାପା ରୋଷେଇ କରିବେ । ପିଲାମାନେ ଖାଇ ସ୍କୁଲ ଯିବେ । ସକାଳ ସନ୍ଧ୍ୟାରେ ପିଲାମାନେ ପଢ଼ିବେ । ସେଠି ଜେଜେବାପା ଜଗୁଆ ହୋଇ ବସିବେ । କଥାଟି ଶୁଣିଲା ବେଳକୁ, ଆମେରିକୀୟ ଲେଖିକା ହୋପ୍ ଏଡେଲମ୍ୟାନଙ୍କ 'ମଦରଲେସ୍ ଡଟରସ: ଦି ଲିଗାସି ଅଫ୍ ଲସ୍' ପୁସ୍ତକର କିଛି ଧାଡ଼ି ମନକୁ ଆସିଲା । ''ଆମର ଆତ୍ମୀୟସ୍ୱଜନ, ଯେଉଁମାନେ ଆମକୁ ଛାଡ଼ି ଆର ପାରିକୁ ଚାଲିଯାଇଛନ୍ତି ଏବଂ ସେହି ନିଜର ଲୋକେ, ଯେଉଁମାନେ ଏବେ ବି ଆମ ସହିତ ଅଛନ୍ତି- ଏହି ସମସ୍ତଙ୍କର ତ୍ୟାଗ ଓ ଅବଦାନରେ ଆମର ଜୀବନ ହୁଏ ପରିପୁଷ୍ଟ । ଆତ୍ମୀୟମାନଙ୍କୁ ହରେଇବା କାଳର ଅଲଂଘ୍ୟ ଗତିର ସତ୍ୟ। ବୁଝାମଣା ଆମର ଉପହାର ଏବଂ ସ୍ମୃତି ହେଉଛି ଆମର ପଥପ୍ରଦର୍ଶକ ।'' ବାସ୍ତବିକ ଜୀବନଟା ଆଉ କ'ଣ କି ? ନିକଟରେ ଏକ ଉତ୍ସବରେ ସେଇ ଜେଜେବାପାଙ୍କ ସହ ସାକ୍ଷାତ ହେଲା । ସେ ଏବେ ଅଶୀତିପର ବୃଦ୍ଧ । କ୍ଲାନ୍ତ ହୋଇପଡ଼ିଲେଣି । ପାଖରେ ଥାଆନ୍ତି ଚାରି ଜଣ ଯାକ ନାତି-ନାତୁଣୀ । ଜଣେ ଜେଜେବାପାଙ୍କୁ ଖୁଆଇ ଦଉଥାଏ । ଆଉ ଜଣେ ଚେ ?କି ପଛପଟେ ଠିଆ ହୋଇ ପିଠି ଆଉଁସୁଥାଏ । ଆଉ ଦୁଇ ଜଣ ସାମନା ଚେ ?କିରେ ବସି ଜେଜେବାପାଙ୍କ ସହ ଗପ ଲଗେଇ ଥାଆନ୍ତି । ପିଲାମାନେ ଏବେ ବଡ଼ ବଡ଼ । ତିନି ଜଣ ଚାକିରି କଲେଣି । ସାନଟାର ପଢ଼ା ସରିବ ବୋଧେ । ଜେଜେବାପା-ନାତିନାତୁଣୀଙ୍କ ସ୍ନେହ ଭାବର ଆଦାନପ୍ରଦାନ ଦେଖି ହୃଦୟ ଦ୍ରବୀଭୂତ ହୋଇଗଲା । ଭଗବାନ, ନାତି-ନାତୁଣୀଙ୍କୁ ଜେଜେବାପାଙ୍କର ସେବା କରିବାକୁ ଆଉ କିଛି ଅଧିକ ସମୟ ଦିଅନ୍ତୁ । ଦ୍ୱିତୀୟ ଘଟଣାଟି ଜଣେ ମା'ଙ୍କର । ବାପା ନାହିଁ । ପୁଅକୁ ଏକାକୀ ମଣିଷ କରୁଛନ୍ତି ମା' । ମେଧାବୀ ପୁଅ, ଚାହୁଁଛି ଡାକ୍ତରୀ ପାଠ ପଢ଼ିବ । ସେଥିପାଇଁ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିବା ପରେ କେ ?ଣସି କଲେଜରେ ଆଡ୍ ?ମିସନ ନ କରି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛି । ମାଇନର ସ୍କୁଲ ପାସ୍ କରି ନ ଥିବା ମା' ଏ ସବୁ କିଛି ବୁଝନ୍ତି ନାହିଁ, ବୁଝନ୍ତି ଖାଲି, ଏୟା ଯେ ପୁଅ ଚାହୁଁଛି ଗୋଟେ ଡାକ୍ତର ହେବ । କିନ୍ତୁ, ପଢ଼େଇବା ପାଇଁ ସାଧନ କାହିଁ ? ଭୁବନେଶ୍ୱର ଯାଇ କୋଚିଂ ନେବା ସମ୍ଭବ ନୁହେଁ । ତେଣୁ ଗାଁରେ ରହି ଅନଲାଇନ କୋଚିଂ ମାଧ୍ୟମରେ ପ୍ରସ୍ତୁତି ଚାଲିଛି । ଇଂଟରନେଟ୍ ହିଁ ମାଧ୍ୟମ । ଦିଲ୍ଲୀର ବିଦ୍ୱାନ ଶିକ୍ଷକମାନଙ୍କ ପାଠ ପଢ଼ା ଏବେ ଅଖ୍ୟାତ ପଲ୍ଲୀରେ ପହଂଚି ପାରୁଛି । ତଥ୍ୟ ଉପସ୍ଥାପନାକୁ କ୍ଷିପ୍ର କରି ସମଗ୍ର ପୃଥିବୀକୁ ଏକ ଗ୍ଲୋବାଲ ଭିଲେଜରେ ପରିଣତ କରିପାରିଛି ଇଂଟରନେଟ୍ । ବିଶିଷ୍ଟ ଲେଖକ, ସାଂସଦ ଶଶୀ ଥରୁର ତାଙ୍କର ଏକ ପୁସ୍ତକ ''ଦି ଏଲିଫ୍ୟାଂଟ, ଦି ଟାଇଗର୍ ଆଣ୍ଡ ଦି ସେଲ୍ ?ଫୋନ୍''ରେ ଲେଖିଥିଲେ- ''ଦିନେ, ପୃଥିବୀ ଭାବୁଥିଲା, ଭାରତ ବର୍ଷ ହେଉଛି ସାପୁଆ କେଳା ଓ ଅର୍ଦ୍ଧନଗ୍ନ ଫକୀରମାନଙ୍କର ଦେଶ । କିନ୍ତୁ ଗତ ପଚିଶ ବର୍ଷ ଭିତରେ ଭାରତ ବର୍ଷ ପାଲଟିଚି ନିପୁଣ ଡାକ୍ତର ଓ କମ୍ପ୍ୟୁଟର ଇଞ୍ଜିନିଅରମାନଙ୍କର ବାସସ୍ଥଳୀ । ଇଂଟରନେଟ୍‌ର ଅନେକ ଅପବ୍ୟବହାରର ଅଭିଯୋଗ ମିଥ୍ୟା ନୁହେଁ । ତଥାପି, ନିଷ୍ଠାବାନ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଯେ ବରଦାନ, ସେ କଥା କିଏ ଅସ୍ୱୀକାର କରିବ ? ନିଜ ଆଖିରେ ଦେଖିଲି, ପୁଅଟି ସକାଳରୁ ସଞ୍ଜ ଯାଏ ଏକ ଧ୍ୟାନରେ ଅନଲାଇନ କୋଚିଂ ମାଧ୍ୟମରେ କଠିନ ପରିଶ୍ରମ କରୁଛି । ଛାଇ ଭଳି ପୁଅ ପାଖରେ ଅଛନ୍ତି ମା' । ଦୁଇ ଜଣଙ୍କ ସଂଘର୍ଷ ଓ ସାଧନା ଦେଖି ଗୋଟିଏ ଇଂରେଜୀ ଚଳଚ୍ଚିତ୍ର 'ଗିଫ୍‌ଟେଡ ହ୍ୟାଣ୍ଡ୍‌ସ: ଦି ବେନ୍ କାରସନ୍ ଷ୍ଟୋରି'ର କଥାବସ୍ତୁଟି ମନକୁ ଆସିଲା । ବିଶ୍ୱପ୍ରସିଦ୍ଧ ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ବେନ୍ କାରସନ୍‌ଙ୍କ ଜୀବନୀକୁ ନେଇ ଗତିଶୀଳ ହେଉଛି ଚଳଚ୍ଚିତ୍ରଟି । କାରସନ୍‌ଙ୍କ ବାଲ୍ୟ କାଳ ବଡ଼ ସଂଘର୍ଷମୟ ଥିଲା । ବାପା, ଦ୍ୱିତୀୟ ବିବାହ କରି ଅନ୍ୟତ୍ର ଚାଲିଗଲେ । ଏକା ମା' ସଂପାଦନ କରିଥିଲେ ଦୁଇଟି ପୁଅଙ୍କ ଦାୟିତ୍ୱ । ମା' ସଂପୂର୍ଣ୍ଣ ନିରକ୍ଷର । ପିଲା ବେଳେ କାରସନ୍ ପାଠପଢ଼ାରେ ଟିକେ ପଛୁଆ ରହୁଥିଲେ । ମା', କିନ୍ତୁ ପୁଅକୁ ପଢ଼ିବା ପାଇଁ ପ୍ରବଳ ଉତ୍ସାହିତ କରି କୁହନ୍ତି, ''ବେନ୍, ମଣିଷ ଶରୀରରେ ମସ୍ତିଷ୍କ ହେଉଛି ଏକ ଅଦ୍ଭୁତ ଅଙ୍ଗ । ଜଣେ, ଯଦି ତା'ର ସଦୁପଯୋଗ କରିପାରିବ, ତେବେ ସେ ଦୁନିଆର ଅସାଧ୍ୟ ସାଧନ କରିବାକୁ ସମର୍ଥ ହୋଇପାରିବ ।'' ମା'ଙ୍କର ଏଇ କଥାର ପ୍ରଭାବ ପୁଅ ଉପରେ ଗଭୀର ଭାବେ ପଡ଼ିଥିଲା । ରୋଜଗାର ପାଇଁ କାରସନ୍‌ଙ୍କ ମା' ଜଣେ ପ୍ରଫେସରଙ୍କ ଘରେ ଚାକରାଣୀ ଭାବେ କାମ କରନ୍ତି । ପ୍ରଫେସରଙ୍କ ଘରେ ଥାକଥାକ ବହିମାନ ଦେଖି ଦିନେ ବଡ଼ ସମୀହରେ ସେ ପ୍ରଫେସରଙ୍କୁ ପ୍ରଶ୍ନ କରନ୍ତି, ''ସାର ଜଣେ ଲୋକ କ'ଣ ଏତେ ଗୁଡ଼େ ବହି ପଢ଼ିବାକୁ ସମର୍ଥ ହୋଇପାରିବ'' ହଁ, ବୋଲି କହିଥିଲେ ପ୍ରଫେସର । ବାସ୍ । ଯାହା ଦେଖିବ, ତାହା ବିଶ୍ୱାସ କରିବ, ନ୍ୟାୟରେ କାରସନ୍‌ଙ୍କ ମା' ଘରକୁ ଆସି ଦୁଇ ପୁଅଙ୍କୁ ପ୍ରତି ସପ୍ତାହରେ ପାଖ ଗ୍ରନ୍ଥାଳୟରୁ ଅନ୍ତତଃ ଦୁଇଟି ବହି ଆଣି ପଢ଼ି ଶେଷ କରିବାକୁ ପଣ କରାଇଥିଲେ । ଏକ ରକମର ବାଧ୍ୟବାଧକତାରେ ଆରମ୍ଭ ହୋଇଥିବା କାମ କ୍ରମେ କାରସନ୍‌ଙ୍କ ଅଭ୍ୟାସରେ ପରିଣତ ହୋଇଗଲା । ପରବର୍ତ୍ତୀ ଜୀବନରେ ଜନ୍ ହପ୍‌କିନ୍‌ସ ପରି ସ୍ୱନାମଧନ୍ୟ ଭେଷଜ ମହାବିଦ୍ୟାଳୟରେ ଚାକିରି ଆରମ୍ଭ କରି, ସ୍ନାୟୁ ସମ୍ବନ୍ଧୀୟ ଅନେକ ଦୁର୍ଲଭ ଅସ୍ତ୍ରୋପଚାର କରି ଲୋକଙ୍କ ଜୀବନ ରକ୍ଷା କରିବାରେ ସମର୍ଥ ହୋଇ ପାରିଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଝାରସୁଗୁଡ଼ା ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପ ପାଇଁ ଏମ୍‌ଓୟୁ, ୨୫ହଜାର କୋଟିର ନିବେଶ

ଝାରସୁଗୁଡ଼ା,୬/୪(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲାର ଲଖନପୁରରେ ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଜମିରେ ସ୍ଥାପନ କରାଯାଉଥିବା ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହୋଇଛି । ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ୍ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ୍) ଓ ଏମ୍‌ସିଏଲ୍ ମଧ୍ୟରେ ଜମି ଲିଜ୍ ଚୁକ୍ତିକୁ ନେଇ ବୁଝାମଣା ହୋଇଛି । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷନ ରେଡ୍ଡିଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । ଲଖନପୁର ଅଚଂଳରେ ଏମ୍‌ସିଏଲ୍ ଅଧୀନରେ ଥିବା ୩୫୦ ଏକର ଜମିରେ ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ଥାପନ କରାଯାଉଛି । ଏଥିରେ ୨୫ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ । କାରଖାନାର ଦୈନିକ ଉତ୍ପାଦନ କ୍ଷମତା ୨୦୦୦ ଟନ୍ ରହିବ । ଦେଶର ପ୍ରଥମ କୋଇଲା ବାଷ୍ପୀକରଣ ପ୍ରକଳ୍ପ ଭାବେ ବିକାଶ କରାଯାଉଥିବା ଏହି ପ୍ରକଳ୍ପରେ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ୍) ବିକାଶ କରିଥିବା ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରାଯିବ । ଏହି ପ୍ରକଳ୍ପକୁ ବିସିଜିସିଏଲ୍ କାର୍ଯ୍ୟକାରୀ କରୁଛି । ତାହା ହେଉଛି ଭେଲ୍ ଓ କୋଲ୍ ଇଣ୍ଡିଆର ମିଳିତ ଉଦ୍ୟମରେ ଗଠନ କରାଯାଇଥିବା ଏକ ଯୌଥ ଉଦ୍ୟୋଗ ।ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପ ବିକାଶ କରିବାର କାର୍ଯ୍ୟବରାଦ ଦୁଇଟି ସଂସ୍ଥା ଭେଲ୍ ଓ ଏଲ୍‌ଆଣ୍ଡ୍‌ଟିକୁ ଦିଆଯାଇଛି । କାରଖାନା କ୍ଷେତ୍ରକୁ ପ୍ରସ୍ତୁତ କରିବା କାର୍ଯ୍ୟ ଜାରି ରହିଛି । ପାଚେରୀ ତିଆରି କରାଯାଉଥିବା ବେଳେ ଗଛଗୁଡ଼ିକୁ କଟା ଯାଉଛି ଓ ମାଟିକୁ ସମତଳ ମଧ୍ୟ କରାଯାଉଛି । ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ଉପରେ ଜୋର ଦିଆଯାଉଛି । ଏହିପ୍ରକଳ୍ପକୁ ୪୨ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଆମଦାନି ଉପରେ ଭାରତର ନିର୍ଭରଶୀଳତା ହ୍ରାସ ପାଇବ ଓ ସେହି ଅନୁସାରେ ବିଦେଶୀ ମୁଦ୍ରା ସଂଚୟ ହେବ ବୋଲି ମନ୍ତ୍ରୀ କହିଥିଲେ ।

ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ନିଯୁକ୍ତି ପତ୍ର ବଂଟନ

ଝାରସୁଗୁଡ଼ା,୬/୪(ନି/ପ୍ର): ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୁଲ୍ୟରେ ଆଜି ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ଅଡିଟୋରିୟମଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) - ୨.୦ ର କାର୍ଯ୍ୟାଦେଶ ଏବଂ ନିଯୁକ୍ତି ମେଳାରେ ଯୋଗ୍ୟ ବିବେଚିତ ହୋଇଥିବା ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌର ପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, "ଯେତେବେଳେ ଜଣେ ଅସହାୟ ପରିବାର ମୁଣ୍ଡ ଉପରେ 'ଛାତ'ଟିଏ ପାଏ ଏବଂ ଜଣେ ଯୁବକ ହାତରେ 'ନିଯୁକ୍ତି'ର ସୁଯୋଗ ପାଏ, ସେତେବେଳେ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ବରଂ ସାରା ସମାଜର ବିକାଶ ହୁଏ ।" ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍-ସବକା ବିକାଶ' ଏବଂ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ହିଁ ଆମର ପ୍ରେରଣା । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯେଉଁ ବିକାଶର କାର୍ଯ୍ୟଧାରା ରହିଛି ତାହା ମାଧ୍ୟମରେ ଝାରସୁଗୁଡ଼ାକୁ ଏକ ସମୃଦ୍ଧ ଓ ପ୍ରଗତିଶୀଳ ଅଂଚଳ ଭାବେ ଗଢିତୋଳିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ।'କାର୍ଯ୍ୟକ୍ରମରେ ସମୁଦାୟ ୮୭ ଜଣ ହିତାଧିକାରୀଙ୍କୁ ପିଏମଏୱାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସେହିପରି ନିକଟରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଚୟନ ହୋଇଥିବା ୬୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ପରିଚାଳନା କରିଥିଲେ ।

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ବଲାଙ୍ଗୀର,୬/୪(ନି/ପ୍ର): ସ୍ଥାନୀୟ ବାବା ମଠ ସାଗରପଡା ମନ୍ଦିର ବଲାଙ୍ଗିର ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ପୌରାଧକ୍ଷା ଲିକା ସାହୁ ଅଧିବେଶନକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସତ୍ୟବନ୍ତ ବେଦବାକ ଓ ନିଳମଣି ମିଶ୍ର ଯୋଗ ଦେଇଥିଲେ ।

ଚୋରି ଅଭିଯୋଗରେ ୩ ଗିରଫ

ଜୟପୁର,୬/୪(ନି/ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲି ବିସୋଇପୁଟର ଶ୍ରୀ ବାଲାଜୀ ଇଣ୍ଡଷ୍ଟ୍ରିଜ୍ର ଏକ ବଏଲର ରୁମରୁ ପାର୍ଟସ୍ ଚୋରି ଅଭିଯୋଗରେ ସଦର ପୁଲିସ ତିନି ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ତିନିଜଣ ହେଲେ ଲେବର ଅଫିସ ଛକ ର ସଂଜ୍ଞୟ ରାମ, ସାଗର ରାମ ଏବଂ ରାମ ଝିକର । ପୁଲିସ କହିବା ଅନୁଯାୟୀ ଇଣ୍ଡଷ୍ଟ୍ରିସ ମାଲିକ ଗେମ୍ବାଲି ଭେଙ୍କଟେଶ କର୍ମଚାରୀ ଏବଂ ଜଣେ ସ୍କ୍ରାପ୍ ଡିଲରଙ୍କ ସହିତ ସ୍କ୍ରାପ୍ ସାମଗ୍ରୀ ମୂଲ୍ୟାଙ୍କନ କରିବାକୁ ବଏଲର ରୁମକୁ ଯାଇଥିଲେ । ଜଣେ ସନ୍ଦିଗ୍ଧ ବ୍ୟକ୍ତି ସେମାନଙ୍କୁ ଦେଖି ପଳାଇ ଯାଇଥିଲେ, ଅନ୍ୟ ଦୁଇଜଣ ବଏଲର ପାର୍ଟସ୍ ଭାଙ୍ଗିବା ପାଇଁ ରେଂଚି ବ୍ୟବହାର କରୁଥିବା ସମୟରେ ଧରାପଡ଼ିଥିଲେ । ଆଜି ସଦର ପୁଲିସ ଘଟଣା ସ୍ଥଳରୁ ଫେରାର ଅଭିଯୁକ୍ତ ଏବଂ ଘଟଣା ସ୍ଥଳରେ ଧରା ପଡ଼ିଥିବା ୨ ଅଭିଯୁକ୍ତ କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ସଦର ଥାନା ଭାରପ୍ରାପ୍ତ ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

ହିଣ୍ଡାଲକୋ ପକ୍ଷରୁ ପ୍ରକଳ୍ପ ବସୁଧା

ସମ୍ବଲପୁର,୬/୪(ନି/ପ୍ର): ହୀରାକୁଦ ଅଂଚଳର କୃଷି ଏବଂ କୃଷକଙ୍କ ଉନ୍ନତିକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ହିଣ୍ଡାଲକୋ, ହୀରାକୁଦ କମ୍ପ୍ଲେକ୍ସ ତାହାର ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ "ପ୍ରକଳ୍ପ ବସୁଧା" ମାଧ୍ୟମରେ ବହୁମୁଖୀ ଉନ୍ନତି ଯୋଜନା କାର୍ଯ୍ୟକାରୀ କରୁଛି । ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ପରାମର୍ଶ ଏବଂ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେଙ୍କ ତତ୍ୱାବଧାନରେ କ୍ରମେ ପ୍ରକଳ୍ପ ବସୁଧା ମାଧ୍ୟମରେ ଚାଷ, ଗୋ-ପାଳନ, ଛେଳି ପାଳନ, ମାଛ ଚାଷ, ଛତୁ ଚାଷ ଓ ପନିପରିବା ଚାଷ ପ୍ରଭୃତି କୃଷି ଭିତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଛି । ଏହି କ୍ରମରେ ଆଜି ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ମହମ୍ମଦପୁର ଗ୍ରାମର ମହିଳା ଚାଷୀ ନଳିନୀ ମାହାକୁଡ ଏବଂ ଆର.ଆର. କଲୋନୀର ସୁନିତା ପାରେଖଙ୍କୁ ଉନ୍ନତ ମାନର ଦୁଧିଆଳୀ ଗାଈ ପ୍ରଦାନ କରାଯାଇଛି । ଏହା ଦ୍ୱାରା ସେମାନଙ୍କର ଆର୍ଥିକ ଉପାର୍ଜନରେ ସହାୟକ ହେବ ବୋଲି ଆଶା କରାଯାଉଛି । ପ୍ରକାଶ ଥାଉକି, ପୂର୍ବରୁ ମଧ୍ୟ ହିଣ୍ଡାଲକୋ ହୀରାକୁଦ ତରଫରୁ ଏହି ଅଂଚଳର ବହୁ ଚାଷୀଙ୍କୁ ଗାଈ, କୁକୁଡ଼ା ଓ ଛେଳି ପରି ଉନ୍ନତମାନର ପ୍ରାଣୀ ସମ୍ପଦ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା ସେମାନଙ୍କର ଜୀବିକା ଓ ଆୟ ସୂଚନାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଦୁଧିଆଳୀ ଗାଈ ପାଇଥିବାରୁ ଆର.ଆର. କଲୋନୀର ସୁନିତା ପାରେଖ ଏବଂ ମହମ୍ମଦପୁର ଗ୍ରାମର ମହିଳା ଚାଷୀ ନଳିନୀ ମାହାକୁଡ ହିଣ୍ଡାଲକୋ କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ସାଧୁବାଦ ଜଣାଇଥିଲେ ।

ଶିରିଆପାଲି ହାଇସ୍କୁଲରେ କୋଲାବିରା ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

ଝାରସୁଗୁଡ଼ା, ୬/୪(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସ୍ତରୀୟ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଶନିବାର ଶିରିଆପାଲି ଉନ୍ନୀତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ମନୋଜ ପ୍ରଭାକର କୁଜୁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ କ୍ଷ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରାଜ୍ୟ ସରକାରଙ୍କ ଶିକ୍ଷା ପଲିସି ବିଷୟରେ ସୂଚନା ଦେଇଥିଲେ । ଏଥିରେ ସମିତିସଭ୍ୟା ରମ୍ଭାବାତି ଭୁଏ, ଜିଲ୍ଲାପରିଷଦ ସଭ୍ୟ ନୃପଲାଲ ପଶାୟତ, ଅତିରିକ୍ତ ବିଇଓ ନିର୍ମଳା ଶତପଥୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରଧ୍ୱଜ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଶିକ୍ଷକ ବାବୁ ନାଏକ ମଚଂ ପରିଚାଳନା କରିଥିଲେ । ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିଶୁ ବାଟିକାରେ ୫ ଜଣ ଓ ୧ମ ଶ୍ରେଣୀରେ ୬ ଜଣ ଶିଶୁଙ୍କ ପ୍ରବେଶ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ୩ଟି ଶିକ୍ଷା ପ୍ରଦର୍ଶନୀ ଷ୍ଟଲ ଗପ ରାଇଜ, ରଙ୍ଗ ଦୁନିଆ ଓ ଖେଳ ଘର ପ୍ରଦର୍ଶିତ ହୋଇଥିଲା ।ଏହି ଅବସରରେ ବ୍ଲକ ସ୍ତରୀୟ ଶିକ୍ଷା ସଚେତନତା ରଥକୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ କ୍ଷ ଏଥିରେ ସିଆରସିସି ଭବାନୀ ମହାନନ୍ଦ, ମଧୁସୂଦନ ନାରଙ୍ଗ, ସରୋଜ ପଟେଲ ଓ ବିରଚିଂ ପଟେଲ, ଶିକ୍ଷକ ରମେଶ ସାହୁ, ପରମେଶ୍ୱର ପଟେଲ, ଲିଲି ସେନାପତି, ରୀତା ପ୍ରଧାନ, ବିକାଶ ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

ସର୍ବଦଳୀୟ ବୈଠକରେ ଇଷ୍ଟ କୋଷ୍ଟ ରେଲୱ୍ୱେ ସମ୍ବନ୍ଧୀୟ ଆଲୋଚନା ଓ ଅଂଚଳର ହିତ ସମ୍ପର୍କରେ ଜୟପୁର ବିଧାୟକଙ୍କ ଦାବି

ଜୟପୁର,୬/୪(ନି/ପ୍ର): ସର୍ବଦଳୀୟ ବୈଠକରେ ଇଷ୍ଟ କୋଷ୍ଟ ରେଲୱ୍ୱେ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନାରେ ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅଂଚଳର ନ୍ୟାୟସଂଗତ ହକ୍ ଓ ସମଗ୍ର ଉନ୍ନତି ପାଇଁ ଦୃଢ଼ ଭାବେ ନିଜ ମତ ପ୍ରକାଶ କରିଥିଲେ । ୱାଲ୍ଟେୟାର ଡିଭିଜନକୁ କୋରାପୁଟ ଓ ରାୟଗଡ଼ା ଅଂଚଳରୁ ପ୍ରଚୁର ରେଭେନ୍ୟୁ ମିଳୁଥିବା ସତ୍ତ୍ୱେ ମଧ୍ୟ, ଏହି ଅଚଂଳରେ ରେଲୱ୍ୱେ ସୁବିଧା, ଯାତ୍ରୀ ସେବା ଓ ଢାଂଚାଗତ ଉନ୍ନତିରେ ଦୀର୍ଘଦିନ ଧରି ଅବହେଳା ଚାଲିଆସୁଥିବା ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଥିଲେ ।ବିଧାୟକ କହିଥିଲେ ଯେ, ଦୀର୍ଘ ସମୟ ଧରି କେନ୍ଦ୍ର ସରକାର ଓଡ଼ିଶାର ରେଲୱ୍ୱେ ଉନ୍ନତି ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଇନାହାନ୍ତି । ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଉଭୟ ସ୍ଥାନରେ ଏକ ଦଳର ସରକାର ଥିବା ସତ୍ତ୍ୱେ "ଡବଲ୍ ଇଞ୍ଜିନ୍" ନାମରେ ଓଡ଼ିଶାବାସୀଙ୍କୁ ପ୍ରାକୃତିକ ଉନ୍ନତିରୁ ବଂଚିତ କରାଯାଉଛି, ଯାହା ପ୍ରକୃତରେ "ଡବଲ୍ ଧୋକା" ସମାନ ପରିସ୍ଥିତି ସୃଷ୍ଟି କରିଛି । ଏହାସହିତ, ଓଡ଼ିଶାରୁ ନିର୍ବାଚିତ ହୋଇ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଥିବା ରେଳମନ୍ତ୍ରୀଙ୍କ ପକ୍ଷରୁ ମଧ୍ୟ ରେଲୱ୍ୱେ ସମସ୍ୟା ସମାଧାନ ଓ ଲୋକହିତ ପ୍ରତି ଆବଶ୍ୟକ ଗୁରୁତ୍ୱ ନ ଦେଖାଯାଇଥିବାକୁ ସେ ଦୁଃଖ ପ୍ରକାଶ କରିଥିଲେ ।ଏହି ପରିପ୍ରେକ୍ଷିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲକାଙ୍କୁ ସେ ପ୍ରଶଂସା କରିଥିଲେ, ଯିଏ ପାର୍ଲାମେଂଟରେ ପୁନଃପୁନି ଓଡ଼ିଶାର ରେଲୱ୍ୱେ ଉନ୍ନତି ଓ ଲୋକହିତ ସମସ୍ୟାଗୁଡ଼ିକୁ ଉଠାଇଆସୁଛନ୍ତି । ଆମ ଅଚଂଳର ନ୍ୟାୟସଂଗତ ଅଧିକାର, ଉଚିତ ରେଲୱ୍ୱେ ସୁବିଧା, ନୂତନ ପ୍ରକଳ୍ପ ଓ ସମତୁଲ୍ୟ ଉନ୍ନତି ପାଇଁ ଆମର ଲଢେଇ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ ଦୃଢ଼ ମତ ପ୍ରକାଶ କରିଥିଲେ । ଜନସାଧାରଣଙ୍କ ହିତ ଓ ସୁବିଧା ସୁନିଶ୍ଚିତ କରିବା ଆମର ପ୍ରଥମ ପ୍ରାଥମିକତା ରହିବ ବୋଲି ବିଧାୟକ ସୂଚନା ଦେଇଛନ୍ତି ।

କୋଲାବିରା ସିଏଚ୍‌ସିରେ ଡାକ୍ତର ଓ ଭିତିଭୂମି ଅଭାବ, ପ୍ରତିବାଦରେ ଗଣଧାରଣା

ଝାରସୁଗୁଡା,୬/୪(ନି/ପ୍ର): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଦୀର୍ଘଦିନ ଧରି ଡାକ୍ତର ଓ ଆବଶ୍ୟକ ଭିତିଭୂମିର ଅଭାବ ନିମନ୍ତେ ସ୍ୱାସ୍ଥ୍ୟ ସେବା ଗୁରୁତର ସଙ୍କଟରେ ପଡ଼ିଛି । ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ଲୋକମାନେ ମୌଳିକ ଚିକିତ୍ସା ସୁବିଧାରୁ ବଂଚିତ ହେଉଥିବାରୁ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ଶୀଘ୍ର ସମାଧାନ ଦାବୀରେ ଶନିବାର କୋଲାବିରା ସିଏଚସି ସମ୍ମୁଖରେ ଗଣଧାରଣା ଆୟୋଜିତ ହୋଇଥିଲା । ଆଂଚଳିକ ବିକାଶ ପରିଷଦ (ଲଇକେରା, କୋଲାବିରା ଓ କିର୍ମିରା) ପକ୍ଷରୁ ଏହି ପ୍ରତିବାଦ କରାଯାଇଥିଲା । ସଂଗଠନର ସଭାପତି ଜିତେନ୍ଦ୍ରିୟ ଧୁରୁଆଙ୍କ ନେତୃତ୍ୱରେ ଉପସଭାପତି ସ୍ୱରୁପ କିଶାନ, ସମ୍ପିତ ନାଏକ, ପ୍ରଶାନ୍ତ ମହାନନ୍ଦିଆ, ଅଜୟ ବିଶ୍ୱାଳ, ଅରୁଣ ନାଏକ, ରମେଶ କିସାନ, ନରେନ କିସାନ, ଦୀପକ ସାହୁ ଓ ତ୍ରିଲୋଚନ ଡନସନା ସହ ଅନେକ ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଧାରଣାରେ ଯୋଗଦେଇଥିଲେ । ଧାରଣାରେ ଉଠାଯାଇଥିବା ଦାବୀ ଅନୁଯାୟୀ, ସିଏଚସିରେ ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଶଲ୍ୟ ଓ ମେଡିସିନ୍ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି । ସାଧାରଣ ରୋଗୀମାନେ ମଧ୍ୟ ଯଥୋଚିତ ଚିକିତ୍ସା ପାଇ ପାରୁନଥିବାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ସମୟରେ ଜନଜୀବନକୁ ବିପଦଗ୍ରସ୍ତ କରୁଛି । ସରକାରୀ ମଞ୍ଜୁରି ଅନୁଯାୟୀ ଏଠାରେ ୪ ଜଣ ବିଶେଷଜ୍ଞ ଡାକ୍ତର, ଜଣେ ଦନ୍ତ ଚିକିତ୍ସକ ଓ ୧୫ ଜଣ ଏମବିବିଏସ ଡାକ୍ତରଙ୍କ ପଦ ରହିଥିଲେ ମଧ୍ୟ ବର୍ଷ ବର୍ଷ ଧରି ସମସ୍ତ ପଦବୀ ଖାଲି ପଡ଼ିରହିଛି । ସେହିପରି ସୁପରିଟେଣ୍ଡେଂଟ ଓ ବିପିଏଚଓ ପଦ ମଧ୍ୟ ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ମୋଟ ୧୬ଟି ଡାକ୍ତର ଓ ପ୍ରଶାସନିକ ପଦ ଖାଲି ରହିବାରୁ ସ୍ୱାସ୍ଥ୍ୟ ସେବା ପ୍ରାୟ ଅଚଳ ଅବସ୍ଥାକୁ ପହଂଚିଛି । ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଯଥାବିଧି ପଦକ୍ଷେପ ନେଉନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଧାରଣାକାରୀମାନେ ତୁରନ୍ତ ସମସ୍ତ ଖାଲି ଡାକ୍ତର ପଦବୀ ପୂରଣ, ଏଲଟିଆର ମେଡିକାଲ ଅଫିସର, ସହାୟକ ଓ ପ୍ରଶାସନିକ ଅଧିକ୍ଷକ ପଦ ପୂରଣ ସହ ପୋଖରାସାଲ୍‌ହେ ଓ ଭାଡ଼ିମାଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ପୂରଣ କରିବାକୁ ଦାବୀ କରିଥିଲେ । ଏହି ଗଣଧାରଣାକୁ ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଆଇନଜୀବୀ ତ୍ରିନାଥ ଗୁଆଲ, ଆଦିବାସୀ ମହାସଂଘର ଉପଦେଷ୍ଟା ପ୍ରଭାକର ଓରାମ ଓ ସମାଜସେବୀ ସୁରେନ୍ଦ୍ର ନାଏକ ସମର୍ଥନ ଜଣାଇଥିଲେ ।

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଉର୍ଦ୍ଦୁ ସେମିନାର

ଭଦ୍ରକ,୬/୪(ନି/ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟର ଉର୍ଦ୍ଦୁ ବିଭାଗ ପକ୍ଷ ରୁ ଏକ ସେମିନାର ର ଆୟୋଜନ ହୋଇଯାଇଅଛି । ଉର୍ଦ୍ଦୁ ବିଭାଗ ର ମୁଖ୍ୟ ଡାକ୍ତର ନସିମା ଆରା ନିଖତଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାରେ ଏହି ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରର ବିଷୟ ବସ୍ତୁ ଥିଲା "ସହରି ଅଦବ ପେ ଏକ ନଜର" । ଏହି ସେମିନାରରେ ମହାବିଦ୍ୟାଳୟର ଅଧକ୍ଷା କଳ୍ପନା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

ମାଟିରେ ତାଳଚାରା ଥୋଇ କାମ ସାରିଦେଲା ବନବିଭାଗ : କଳା ପଲିଥିନ୍ ଖୋଲା ବି ହେଲାନି

ସମ୍ବଲପୁର,୬/୪(ନି/ପ୍ର): ରାଜ୍ୟରେ ବଜ୍ରପାତଜନିତ କ୍ଷୟକ୍ଷତିକୁ ରୋକିବ ବନ ବିଭାଗ । ରାସ୍ତା କଡ଼ରୁ ନେଇ ଖୋଲା ସ୍ଥାନ ପର୍ଯ୍ୟନ୍ତ ତାଳଗଛ ବା 'ପାମ୍ ଟ୍ରି' ଲଗାଯିବ । ୨୦୨୪ ମସିହାରେ ବନ ବିଭାଗ ତାଳଗଛ ଲଗାଇବା ପାଇଁ ନୂତନ ଯୋଜନା ଆରମ୍ଭ କରିଥିଲା । ସମ୍ବଲପୁର ବନ ବିଭାଗ ଉକ୍ତ ନିର୍ଦ୍ଦେଶନାମାକୁ ଏକ ନାଟକ ଭାବେ ଗ୍ରହଣ କଲା । ତାଳଗଛ ସଂଗ୍ରହ ହେଲା, ମାଟିରେ ନେଇ ରଖାଗଲା, ଫଟୋ ଉଠାଇ ବିଭାଗକୁ ପ୍ରଦାନ କରାଗଲା । କିନ୍ତୁ ଗଛକୁ ମାଟିରେ ପୋତା ନ ଯାଇ ସର୍ଭାଇଭାଲ୍ ରିପୋର୍ଟ ପ୍ରଦାନ କରିଦିଆଗଲା । ସେପଟେ, କଳା ପଲିଥିନ୍ ଗୁଡ଼ା ହୋଇଥିବା ଚାରାଗଛଗୁଡ଼ିକ କେଉଁ କାଳରୁ ମରି ସାରିଥିବା ବେଳେ ସେମାନଙ୍କ ସହ ହୋଇଥିବା ଅନ୍ୟାୟକୁ ବଖାଣୁଛନ୍ତି । ଏ ନେଇ ଡିଏଫ୍ ?ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ତଦନ୍ତ କଲେ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି । ୨୦୨୫-୨୦୨୬ ଆର୍ଥିକ ବର୍ଷରେ ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ପରଶାଲିଖମନ୍ ସଂରକ୍ଷିତ ଜଙ୍ଗଲର ମେଘପାଲ, ହାତୀଦହଲା, କୁମ୍ଭିନାଳୀ ଆଦି ଗାଁରେ ୧ ହଜାର ତାଳ ଚାରା ରୋପଣ କରାଯାଇଥିବା ନେଇ ବିଭାଗୀୟ ରିପୋର୍ଟ ପ୍ରଦାନ କରାଯାଇଛି । ୪ ହେକ୍ଟର ପରିମିତ ଅଚଂଳରେ ଏହି ଗଛ ଲଗାଯାଇଥିବା ରେକର୍ଡରେ ଦର୍ଶାଯାଇଛି । ଏଥିରୁ ମେଘପାଲ ଅଚଂଳରେ ୧ ହେକ୍ଟର ଜମିରେ ୧୪୩ଟି ଚାରାରୋପଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ନିଆଯାଇଥିବା ଗଛରୁ ଅର୍ଦ୍ଧାଧିକକୁ ନିୟମାନୁସାରେ ପ୍ରତି ୯ ମିଟର ବ୍ୟବଧାନରେ ସଜେଇ ରଖାଗଲା । କିନ୍ତୁ ଚାରାଗୁଡ଼ିକୁ ଆଉ କଳାରଙ୍ଗର ଜରିରୁ ଖୋଲାଗଲାନି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ବର୍ଷା ସରିବା ପରେ ଗତବର୍ଷ ଅକ୍ଟୋବର-ନଭେମ୍ବର ମାସରେ ବନ ବିଭାଗ ପକ୍ଷରୁ ଉକ୍ତ ଗଛ ନେଇ ରଖି ଦିଆଯାଇଥିବା ବେଳେ ସେଗୁଡ଼ିକୁ କିଭଳି ପୋତାଯିବ ଓ ତାହାର ରକ୍ଷଣାବେକ୍ଷଣ ହେବ, ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଫଳରେ ସେହି କଳା ରଙ୍ଗର ପଲିଥିନ୍‌ରେ ରହିରହି ତାଳ ଚାରାଗୁଡ଼ିକ ମରିଯାଇଥିଲା । ଉକ୍ତ ଚାରାଗୁଡ଼ିକ ମରିଯିବା ପରେ ବି ସେଗୁଡ଼ିକୁ ଆଜିଯାଏଁ ବନବିଭାଗ ଅଧିକାରୀ ଥରକ ପାଇଁ ଦେଖିବାକୁ ଗଲେନି । ତେବେ ଭାତହାଣ୍ଡିରୁ ଗୋଟିଏ ଭାତ ଟିପିବା ଭଳି ସମ୍ବଲପୁର ଜିଲ୍ଲାର ୫ଟି ବନାଚଂଳ ମଧ୍ୟରୁ ଏହା କେବଳ ଗୋଟିଏ ସଂରକ୍ଷିତ ଜଙ୍ଗଲର ଚିତ୍ର । ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ୫ଟି ରେଞ୍ଜରେ ୧୯ ହଜାର ତାଳଚାରା ରୋପଣ କରାଯାଇଥିବା ବେଳେ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ୧୭ ହଜାର ଚାରା ରୋପଣ କରାଯାଇଥିବା ନେଇ ବନ ବିଭାଗ ନିଜ ରେକର୍ଡରେ ଦର୍ଶାଇଛି ।

ଚାଉଁରପୁର ନାମଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୬/୪(ନି/ପ୍ର): ସମ୍ବଲପୁର ମହାନଗର ଅନ୍ତର୍ଗତ ଚାଉଁରପୁର ଠାରେ ୨୪ ପ୍ରହରୀ ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି । ମୁଖ୍ୟ ପଣ୍ଡିତ ଭାବରେ ନିଗମାନନ୍ଦ ଦାଶ, ରାଜିବ ଷଡ଼ଙ୍ଗୀ, ଅମିତ୍ ଦାଶ ନାମଯଜ୍ଞରେ ପୌ ।ରହିତ୍ୟ କରିଥିଲେ । ନାମଯଜ୍ଞରେ ପ୍ରଶାନ୍ତ ପ୍ରଧାନ ଏବଂ ଜୟନ୍ତୀ ପ୍ରଧାନ କର୍ତା ଭାବରେ ଯୋଗ ଦେଇଥିଲେ । ଗତ ଗୁରୁବାର ଠାରୁ ଅଧିବାସ କରାଯାଇ ନାମଯଜ୍ଞର ଆରମ୍ଭ ହୋଇଥିଲା । ଆଜି ପୂର୍ଣ୍ଣାହୁତି ସହ ୨୪ ପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି ।

ଶ୍ରୀ ଶ୍ୟାମ ଗୁଣଗାନ ମହୋତ୍ସବ- ୨୦୨୬ ପାଇଁ ଶ୍ରୀ ଶ୍ୟାମ ଆଖଡ଼ା ଆୟୋଜନ

ରାଉରକେଲା,୬/୪(ନି/ପ୍ର): ଶ୍ରୀ ଶ୍ୟାମ ଗୁଣଗାନ ମହୋତ୍ସବ ୨୦୨୬ ପାଇଁ ରାଉରକେଲାର ଶ୍ରୀ ଶ୍ୟାମ ଆଖଡା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାହାର ରାଜ୍ୟର ଭଜନ ଗାୟକମାନେ ଶ୍ୟାମ ବାବାଙ୍କ ଭଜନ ଗୋଟିଏ ପରେ ଗୋଟିଏ ଗାଇଥିଲେ। ରାଉରକେଲା ସହରର ମହାରାଜା ଅଗ୍ରସେନ ଭବନ ପରିସରରେ ଶ୍ରୀ ଶ୍ୟାମ ଗୁଣଗାନ ମହୋତ୍ସବ-୨୦୨୬ ପାଇଁ ଶ୍ରୀ ଶ୍ୟାମ ସେବା ସଂଘ ଦ୍ୱାରା ଶ୍ରୀ ଶ୍ୟାମ ଆଖଡ଼ାର ଏକ ଭବ୍ୟ ଦୁଇ ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହନ୍ତ ଶ୍ରୀ ମୋହନ ଦାସ ମହାରାଜ ଏବଂ ଶ୍ୟାମଲିନ ଭକ୍ତ ଶିରୋମଣି ମହନ୍ତ ଆଲୁ ସିଂହ ମହାରାଜ ଖାଟୁଧାମଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଏପ୍ରିଲ ୫ ରବିବାର ଦିନ ଅପରାହ୍ଣରୁ ଶ୍ୟାମ ବାବାଙ୍କ ବିଶାଳ ଦରବାରକୁ ଫୁଲରେ ସଜାଯାଇଥିଲା। ବାବାଙ୍କ ଦିବ୍ୟ ଜ୍ୱାଳା ପ୍ରଜ୍ୱଳିତ କରାଯାଇଥିଲା ଏବଂ ଛପନ ଭୋଗ ଅର୍ପଣ କରାଯାଇଥିଲା। ରୀତିନୀତି ଅନୁଯାୟୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ, ବାହାର ରାଜ୍ୟର ପ୍ରସିଦ୍ଧ ଭଜନ ଗାୟକମାନେ ଶ୍ୟାମ ବାବାଙ୍କ ଭଜନ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ଭଜନ ଗୋଟିଏ ପରେ ଗୋଟିଏ ଭଲ ଗାନ କରି ଭକ୍ତମାନଙ୍କୁ ଶୁଣାଇଥିଲେ। ଭଜନ ଗାୟକମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର କୋଲକାତାରୁ ସୌରଭ ଶର୍ମା, ଲଭ ଅଗ୍ରୱାଲ, ବାଳକୃଷ୍ଣ ଶର୍ମା, ଅଭିଷେକ ସିଂଘଲ, ବିନୟ ଟୋଡି, ଝାଡ଼ଖଣ୍ଡର ଅନୁଭବ ଅଗ୍ରୱାଲ, ସ୍ଥାନୀୟ ଭଜନ ଗାୟକ ରମଣଙ୍କ ସମେତ ଅନ୍ୟାନ୍ୟ ରାଜ୍ୟର ଭଜନ ଗାୟକ ଥିଲେ। ଗଙ୍ଗାବତ ଶ୍ରୀ ଶ୍ୟାମ ସେବା ସଂଘର ପ୍ରତିଷ୍ଠାତା ସଦସ୍ୟ ଏବଂ ଭଜନ ଗାୟକ ବିକାଶ ଅଗ୍ରୱାଲ ଅନ୍ୟ ବାବାଙ୍କ ଭଜନ ଅପେକ୍ଷା ଭଲ ଭାବରେ ଗାଇଥିଲେ, ଯାହାକୁ ଶୁଣି ଭକ୍ତମାନେ ନାଚିବାକୁ ଲାଗିଥିଲେ। ଏଥିରେ ଆକର୍ଷଣର କେନ୍ଦ୍ର ଥିଲା ବାବାଙ୍କ ବିଶାଳ ଦରବାର ଏବଂ ମହନ୍ତ ମୋହନ ଦାସ ମହାରାଜଙ୍କ ଦ୍ୱାରା କଣ୍ଠିତ ଶ୍ୟାମ ବାବାଙ୍କ ଭଜନ। ଏହି କାର୍ଯ୍ୟକ୍ରମରେ ରାଉରକେଲା, ସିମଡେଗା, ଝାରସୁଗୁଡା, ସମ୍ବଲପୁର, ବିସ୍ରା, ରାଜଗାଙ୍ଗପୁର ଏବଂ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ୟାମ ଭକ୍ତ ଅଂଶଗ୍ରହଣ କରିଥିଲେ। ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ ରାୟଙ୍କ ସମେତ ରାଉରକେଲା ସହରର ମାନ୍ୟଗଣ୍ୟ ଶ୍ୟାମ ଭକ୍ତମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀ ଶ୍ୟାମ ସେବା ସଂଘର ସଦସ୍ୟମାନଙ୍କର ସକ୍ରିୟ ଅବଦାନ ଥିଲା। ଶ୍ୟାମ ବାବାଙ୍କ ଆରତୀ କରିବା ପରେ, ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ କମିଟି ଦ୍ୱାରା ଏକ ବିଶାଳ ଭଣ୍ଡାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ମହାରାଜା ଅଗ୍ରସେନ ଭବନ ପରିସରରେ ଶ୍ୟାମ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୧ ଯୁବତୀ ଓ ୨ ଯୁବକ ମୃତ

ରାଉରକେଲା,୬/୪(ନି/ପ୍ର): କୁଆଁରମୁଣ୍ଡା ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯମୁନାଢ଼ିପା ପ୍ରଗତି ପେଟ୍ରୋଲ ନିକଟ ସୋନୁ ଢ଼ାବା ଭିତରକୁ ପଶିଗଲା କାର। ଚାଳକ ସମେତ ଦୁଇ ମୃତ। ଅନ୍ୟ ଜଣେ ଗୁରୁତର। ଆଜି ଭୋର ପ୍ରାୟ ତିନିଟାରେ ରାଟିଂରୁ ରାଉରକେଲା ଫେରୁଥିଲେ। ଗୁରୁତରଙ୍କୁ ବେଦବ୍ୟାସ ଜେପି ହସ୍ପିଟାଲରେ ଭର୍ତି କରାଯାଇଛି। କୁଆଁରମୁଣ୍ଡା ଫାଣ୍ଡି ପୁଲିସ ଦୁଇ ଜଣଙ୍କଶବଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇଛି। ମୃତକ ହେଲେ ଛେଣ୍ଡ କଲୋନିର କୁନାଲ ନାୟକ (୨୨), ମୋହିତ ମହାତୋ (୨୨)। ଗୁରୁତର ସମୀର ନାୟକଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତି କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ କ୍ରେଟା କାର ଓଡି ୧୪ ଏବି ୯୮୩୬କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଢ଼ାବା ବନ୍ଦ ଥିବାରୁ କର୍ମଚାରୀମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତି ଯାଇଛନ୍ତି। ଏଣେ ଆଜି ସକାଳ ପ୍ରାୟ ସାଢେ ସାତଟାର ଡିଏଭି ଛକରେ ଟ୍ରକ୍ ଧକ୍କା ଯୁବତୀଙ୍କ ଜୀବନ ଯାଇଛି। ମୃତ ଯୁବତୀ ସେକ୍ଟର -୬ ର ସୁମନ ନାୟକ (୨୩)। ମିଳିଥିବା ସୂଚନା ମୁତାବକ, ଯୁବତୀ ଜଣକ ସାଇକେଲରେ ରାସ୍ତା ପାରି ହେଉଥିବା ସମୟରେ ଏହି ଘଟଣା ଘଟିଥିଲା। ଏକ ଦ୍ରୁତଗାମୀ ଟ୍ରକ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲାକ୍ଷ ଯାହା ଫଳରେ ସେ ରାସ୍ତା ଉପରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଦିତନଗର ଥାନା ପୁଲିସ ଦୁର୍ଘଟଣାସ୍ଥଳରେ ଉଭୟରେ ପହଚିଂ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରତି ଦିନ ସ୍କୁଲ, କଲେଜ, ୟୁଜିଆଇ ଏବଂ ଆଇଟିଆଇ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଏହି ବ୍ୟସ୍ତବହୁଳ ଏହି ଛକ ଦେଇ ଯିବା ଆସିବା କରୁଥିବାରୁ ସେମାନଙ୍କ ସୁରକ୍ଷାକୁ ପ୍ରଶ୍ନ ଉଠିଛି। ବାରମ୍ବାର ଦୁର୍ଘଟଣା ଯୋଗୁ ଅଭିଭାବକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଡିଏଭି ଛକକୁ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବରେ ବିବେଚନା କରାଯାଉଥିବାରୁ, ପୁଲିସ ପ୍ରଶାସନ ଦ୍ୱାରା ଏକ ସ୍ୱୟଂଚାଳିତ ଟ୍ରାଫିକ୍ ସିଗନାଲ ସିଷ୍ଟମ ପୂର୍ବରୁ ସ୍ଥାପନ କରାଯାଇଛି। ତଥାପି, ଟ୍ରାଫିକକୁ ଉନ୍ନମ ଭାବରେ ପରିଚାଳନା କରିବା ଏବଂ ପଦଯାତ୍ରୀ, ବିଶେଷକରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଲୋକମାନେ ଏହି ଅଞ୍ଚଳରେ ଅତିରିକ୍ତ ଟ୍ରାଫିକ୍ କର୍ମଚାରୀ ମୁତୟନ କରିବାକୁ ଦାବି କରିଛନ୍ତି।

ବନ୍ଧଟିଆ ପୂଜ୍ୟପୂଜା ସଂସଦର ୧୬ତମ ବାର୍ଷିକ ଉତ୍ସବ

ଭଦ୍ରକ,୬/୪(ନି/ପ୍ର): ଧାମନଗର ବ୍ଲକ କଲ୍ୟାଣୀ ପଚାଂୟତ ବନସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ୍ଧଟିଆ ପୂଜ୍ୟପୂଜା ସଂସଦର ୧୬ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ଦାମୋଦର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମାୟାଧର ସାମଲ ବାର୍ଷିକ ବିବରଣୀ ପାଠ କରି ସଂସଦର କାର୍ଯ୍ୟକଳାପ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏବିଓ ସତ୍ୟସୁନ୍ଦର ପରିଡା ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହି, ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଟୁନିବାଳା ବିଶ୍ୱାଳ ଓ ଅଧ୍ୟାପକ ଚିତରଂଜନ ଦାଶ ଉପସ୍ଥିତ ଥିଲେ।

ଲାୟନ୍ସ ହସ୍ପିଟାଲରେ ୨୩୯ ଜଣ ଚକ୍ଷୁ ରୋଗୀଙ୍କ ଦୃଷ୍ଟିଶକ୍ତି ଫେରିଲା

ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାରର ସହଯୋଗୀ ଏବଂ ଦାତାଙ୍କୁ ମିଳିଲା ସମ୍ମାନ

ରାଉରକେଲା,୬/୪(ନି/ପ୍ର): ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ପରିଚାଳିତ ରାଉରକେଲା ବେଦବ୍ୟାସ ଲାୟନ୍ସ ଚକ୍ଷୁ ଓ ଜେନେରାଲ ହସ୍ପିଟାଲରେ ମାର୍ଚ୍ଚ ମାସ ମଧ୍ୟରେ ଅନୁଷ୍ଠିତ ମାଗଣା ଆଇଓଏଲ୍ ବା ମୋତିଆବିନ୍ଦୁ ଶିବିର ସଫଳ ଅସ୍ତ୍ରୋପଚାର ପରେ ଆଜି ସୋମବାରରେ ମାଗଣା ଚଷମା ଓ ଔଷଧ ବଣ୍ଟନ କରାଯିବା ସହିତ ଦାତାଙ୍କୁ ସମ୍ମାନିତ କରିବା ସହ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସକାଳ ୧୦ଟା ୩୦ରେ ଲାୟନ୍ସ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଥିଲା। ୨୦୨୬ ମାର୍ଚ୍ଚ ମାସରେ, ହସ୍ପିଟାଲରେ ବିଶାଳ ମାଗଣା ଚକ୍ଷୁ ପରୀକ୍ଷା ଅଭିଯାନ କରଯାଇଥିଲା। ଏଥିରେ ୬ଟି ଭିନ୍ନ ଭିନ୍ନ ଗାଁରେ ଶିବିର ସ୍ଥାପନ କରାଯାଇଥିଲା। ଗରୀବ ଓ ଅବହେଳିତ ରୋଗୀଙ୍କୁ ଚିହ୍ନଟ କରି ହସ୍ପିଟାଲକୁ ଅଣାଯାଇଥିଲା। ଏହି ଶିବିର ମାଧ୍ୟମରେ, ମୋଟ ୨୩୯ ଜଣ ରୋଗୀଙ୍କର ସଫଳ ମୋତିଆବିନ୍ଦୁ (ଓଡଖ) ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଦୃଷ୍ଟିଶକ୍ତି ଫେରାଇ ଅଣାଯାଇଛି। ଏହି ଅବସରରେ, ନିଶୁଳ୍କ ଅସ୍ତ୍ରୋପଚାର ଶିବିରର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ପ୍ରେମ ଭଞ୍ଜର ଏବଂ ସରୋଜ ଭଞ୍ଜରଙ୍କ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ଏବଂ ସମ୍ମାନିତ କରାଯାଇଥିଲା। ଏହି ଦାତାମାନେ ୨୦୨୬ ମାର୍ଚ୍ଚ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରଗୁଡ଼ିକରେ ସହଯୋଗ କରି ପ୍ରଶଂସନୀୟ ଅବଦାନ ଦେଇଥିଲେ। ଲାୟନ୍ ସିଏ ପବନ ଅଗ୍ରୱାଲ (ସଭାପତି), ଲାୟନ୍ ସୁରେଶ କେଜରିୱାଲ (ହସ୍ପିଟାଲ ଅଧ୍ୟକ୍ଷ), ଲାୟନ୍ ବିକାଶ ବିନ୍ଦଲ (ସଚିବ), ଲାୟନ୍ ସିଏ ଅଖିଳ ଶାହ (କୋଷାଧ୍ୟକ୍ଷ) ଏବଂ ଅନ୍ୟାନ୍ୟ କ୍ଲବ ସଦସ୍ୟ ସମ୍ମାନିତ ଉତ୍ସବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ହସ୍ପିଟାଲର ଅଧ୍ୟକ୍ଷ ଲାୟନ୍ ସୁରେଶ କେଜରିୱାଲ କହିଛନ୍ତି ଯେ ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ, ସମାଜର ଅବହେଳିତ ବର୍ଗକୁ ଉନ୍ନମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ। ସେ କହିଥିଲେ ଯେ ଭବିଷ୍ୟତରେ ଏହି ସେବା ଅଭିଯାନ ଜାରି ରହିବ।

ଓଡିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୬/୪(ନି/ପ୍ର): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନ ରେ ଆଜି ଐତିହ୍ୟସ୍ଥଳୀ ଗୁଡ଼ିକର ସୁରକ୍ଷା ଓ ଯୁବପିଢ଼ିଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନ ପରିସରରୁ ନୂତନ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାଯ୍ୟକ୍ରମରେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାରଙ୍ଗଧର ବରିହା, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ତେଜ କୁମାର ଖେସ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା କ୍ରୀଡା ବିଭାଗର ବିଭିନ୍ନ ପ୍ରଶିକ୍ଷକ, କର୍ମଚାରୀ ତଥା ସମାଜସେବୀମାନେ ଯୋଗ ଦେଇଥିଲେ। ଏଥିରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, କ୍ରୀଡା ହୋଷ୍ଟେଲ ର ଛାତ୍ର ଛାତ୍ରୀ ଏବଂ ବିଏସ ହାଇସ୍କୁଲରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି ସମସ୍ତ ଐତିହ୍ୟ ସ୍ଥଳ ଗୁଡ଼ିକର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ।

ପ୍ରଗତି ଉତ୍କଳ ସଂଘରେ ବାର୍ଷିକ ସାଧାରଣ ସଭା ସହ ପଖାଳ ଦିବସ ପାଳନ

ରାଉରକେଲା,୬/୪(ନି/ପ୍ର): ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ପଖାଳ ବେଶ୍ ଜଡ଼ିତ। ଓଡ଼ିଆଙ୍କ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ବିଗତ କିଛି ବର୍ଷ ହେଲା ମାର୍ଚ୍ଚ ୨୦ ତାରିଖକୁ ଆନୁଷ୍ଠାନିକ ଭାବେ 'ପଖାଳ ଦିବସ' ଭାବେ ପାଳନ କରାଯାଉଥିଲେ ମଧ୍ୟ, ଗ୍ରୀଷ୍ମ ଋତୁର ଆଗମନରେ, ସ୍ଥାନ ନିର୍ବିଶେଷରେ ଓଡ଼ିଆ ମାନେ ଭିନ୍ନ ଭିନ୍ନ ଦିନ ଏହି ଦିବସକୁ ବନ୍ଧୁ ମିଳନ ଉତ୍ସବ ଭାବରେ ଉପଭୋଗ କରି ଆସୁଛନ୍ତି। ଏହି କ୍ରମରେ ରାଉରକେଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘରେ ଏହାର ବାର୍ଷିକ ସାଧାରଣ ସଭା ଅବସରରେ ପଖାଳ ଦିବସ ସହ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟତଃ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜ୍ଞାପିତ ସୋସାଇଟି ଆକ୍ଟ ଅଧୀନରେ ଅନୁଷ୍ଠାନର ପୁନଃ ପଞ୍ଜିକରଣ ସମ୍ବନ୍ଧରେ ଆଲୋଚନା ହୋଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ପରେ ମଧୁ ମଣ୍ଡପ ଠାରେ ସଦସ୍ୟ ସଦସ୍ୟା ମାନେ ସପରିବାର ମିଳିତ ହୋଇ ପଖାଳ ସହ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଘୁନାଥପାଲିର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଓ ଉପଦେଷ୍ଟା ଶାନ୍ତନୁ କୁମାର ପରିଚ୍ଛା ଯୋଗଦେଇ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଏବଂ ଡ. ପ୍ରଭାତ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଧଳ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି, ରବୀନ୍ଦ୍ର କୁମାର ପଣ୍ଡା, ନଗେନ ଦାସ, ପ୍ରଦୀପ କୁମାର ପଟ୍ଟନାୟକ, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ଆଶିଷ କୁମାର ଦାସ, ରଞ୍ଜନ ପଣ୍ଡା, ରଶ୍ମି ସାହୁ, ସତ୍ୟନାରାୟଣ ଦାଶ, ଧରଣୀଧର ସାମଲ, ପରିକ୍ଷିତ ଗୁରୁ, ପ୍ରମୋଦ କୁମାର ପତି ଏବଂ ଅଜୟ କୁମାର ଗୋସ୍ୱାମୀ ପ୍ରମୁଖ ସହାୟତା କରିଥିବାବେଳେ ଶତାଧିକ ସଦସ୍ୟ ସପରିବାର ଯୋଗ ଦେଇ ପଖାଳ ଭୋଜିକୁ ଉପଭୋଗ କରିଥିଲେ।

ନୃତ୍ୟ ଶିଳ୍ପୀ ତମସା ନାଥ ସମ୍ବର୍ଦ୍ଧିତ

ଭଦ୍ରକ, ୬/୪(ନି/ପ୍ର): ଆଗରପଡା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ତମସା ନାଥଙ୍କୁ ଉତ୍କଳ କେଶରୀ ଆଗରପଡା ମେହାତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମେହାତ୍ସବେର ଉଚ୍ଚ କୋଟୀର ନୃତ୍ୟ ପ୍ରଦଶର୍ନ କରି ସୁଶ୍ରୀ ନାଥ ଦଶର୍କଙ୍କ ହୃଦୟକୁ ଛୁଇଁ ପାରିଥିଲେ। ଏଥିପାଇଁ ତାଙ୍କୁ ମେହାତ୍ସବ କମିଟି ପକ୍ଷରୁ ସଂବେଗଫଳକ, ପ୍ରଶଂସାପତ୍ର ପ୍ରଦାନ ପୂବର୍କ ସମ୍ବର୍ଦ୍ଧିତ କରାଯାଇଥିଲା। ମେହାତ୍ସବ କମିଟିର ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହ ଶ୍ରୀ ନାଥଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ନୃତ୍ୟ କଳା ବଜାଇ ରଖିବା ନେଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମେହାତ୍ସବ କମିଟିର ସହ-ସମ୍ପାଦକ ଗଦାଧର ବେହେରା, ଉପେଦଷ୍ଟା ମଦନ ମୋହନ ଦାଶଙ୍କ ସେମତ ତମସାଙ୍କ ମା ସୌଦାମିନି ନାଥ ଉପସ୍ଥିତ ଥିଲେ। ଏଥିପୂବର୍ରୁ ଶୁଶ୍ରୀ ନାଥ ମହତାବ ଜୟନ୍ତୀ, ବେେଲଶ୍ୱର ଶୁଣୀ ବୋଇତ ବନ୍ଦାଣ ଉତ୍ସବ, ସାଳନ୍ଦୀ ମେହାତ୍ସବ ଆଦିରେ ନୃତ୍ୟ ପ୍ରଦଶର୍ନ କରି ପ୍ରଶଂସିତ ହୋଇଛନ୍ତି।

ନାରୀ ଶକ୍ତି ଜନକଲ୍ୟାଣ ସେବା ସମିତି ପକ୍ଷରୁ ବାର୍ଷିକ ଉତ୍ସବ

ରାଉରକେଲା,୬/୪(ନି/ପ୍ର): ସାରନଗରୀ ସ୍ଥିତ ନାରୀ ଶକ୍ତି ଜନକଲ୍ୟାଣ ସେବା ସମିତି ପକ୍ଷରୁ ଉତ୍କଳ ଦିବସ ଉପଲକ୍ଷେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ୍ ତ୍ରିନାଥ ଦାସ ମୋହିନୀ, ଅରୁଣ ପରିଡା, ସୋମେନ୍ଦ୍ର କୁମାର ବେହୁରିଆ, ବିଜୟା ଥାଟୋଇ, ବିବେକା ଦାସ, ପଦ୍ମିନୀ ପାଣିଗ୍ରାହୀ, ଦୀପ ଭାଇ, ଦିଲ୍ଲିପ ଭାଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସମସ୍ତ ଅତିଥିମାନଙ୍କୁ ସମ୍ମଓନିତ କରାଯାଇଥିଲା। ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରେ 'ନାରୀ ଶକ୍ତି ଜନ କଲ୍ୟାଣ ସେବା ସମିତି' ର କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଉତ୍କଳ ଦିବସ ପାଳନ ଓ ଉତ୍କଳୀୟ ଅସ୍ମିତା କୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ କ୍ଷ ସଭାରେ ରାଧାକୃଷ୍ଣ ଦିବ୍ୟଓଙ୍ଗ ଦୃଷ୍ଟିହୀନ ବିଦ୍ୟାଳୟର ପିଲାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମ ଶୋଭା ବଢ଼ାଇଥିଲେ। ନାରୀ ଶକ୍ତି ଜନ କଲ୍ୟାଣ ସେବା ସମିତିର ସଭାପତି ତାଙ୍କ ଭାଷଣରେ କହିଥିଲେ ମାନବ ସେବା ହିଁ ମାଧବ ସେବା ଏବଂ ଶରୀରର ଶେଷ ରକ୍ତ ବିନ୍ଦୁ ଥିବାଯାଏଁ ମାନବ ସେବା କରିବାକୁ ସମସ୍ତ କର୍ମକର୍ତା ପଣ କରିଥିଲେ। ଭୋକିଲା ବ୍ୟକ୍ତିଙ୍କୁ ଖାଇବା ଯୋଗାଇବା ପାଇଁ ଏକ ସୁନ୍ଦର ପ୍ରଚେଷ୍ଟା ସ୍ୱରୂପ ଏକ ତିନି ଚକିଆ ବାହନ 'ପୂର୍ଣାଞ୍ଜ ସତଳୀ'ର ଶୁଭା ଉଦଘାଟନ ହୋଇଥିଲା। ଯାହାକୁ ଉଦ୍ଘାଟନ କରିଥିଲେ ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛୋଟ ଛୋଟ ପିଲାମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ।

ଆରଏସପି ଦ୍ୱାରା ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ସର୍ବୋତମ ଆର୍ଥିକ ବର୍ଷର ପ୍ରଦର୍ଶନ

ରାଉରକେଲା,୬/୪(ନି/ପ୍ର): ଦେଶର ସର୍ବବୃହତ ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା (ଆରଏସପି), ୨୦୨୫-୨୬ ଆର୍ଥିକ ବର୍ଷରେ ନିଜର ସର୍ବୋତମ ପ୍ରଦର୍ଶନ ପଞ୍ଜୀକୃତ କରି, ପ୍ରମୁଖ ଉତ୍ପାଦନ ଏବଂ ଟେକ୍ନୋ-ଅର୍ଥନୈତିକ ମାନଦଣ୍ଡ ଗୁଡିକରେ ଏହାର ନୂତନ ମାଇଲଖୁଟଂ ହାସଲ କରିଛି। ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଉଭୟରୁ ସର୍ବୋତମ ଉତ୍ପାଦନ ରେକର୍ଡ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ ରୁ ୧୦,୭୦,୩୭୯ଟନ୍ ଉତପ୍ତ ଧାତୁ ଉତ୍ପାଦନ ହେଇଥିବାବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରୁ ୩୨,୪୬,୩୬୧ଟନ୍ ଉନ୍ନପ୍ତ ଧାତୁ ଉତ୍ପାଦିତ ହୋଇଥିଲା। ଯାହା ଗତ ବର୍ଷ ସମାନ ଅବଧିରେ ଉତ୍ପାଦିତ ହୋଇ ଥିବା ୩୧,୩୨,୩୧୬ଟନ୍ କୁ ୩.୬% ଅଭିବୃଦ୍ଧି ହାରରେ ଅତିକ୍ରମ କରିଛି। ସେହିଭଳି, ନ୍ୟୁ ପ୍ଲେଟ୍ ମିଲ୍ (ଏନପିଏମ) ରେ ୬.୬% ଅଭିବୃଦ୍ଧି ହାର ରେକର୍ଡ ସହ ସର୍ବକାଳୀନ ଶ୍ରେଷ୍ଠ ୯,୯୩,୩୫୧ଟନ୍ ପ୍ଲେଟ୍ ଉତ୍ପାଦନ ହୋଇଛି। ହଟ୍ ଷ୍ଟ୍ରିପ୍ ମିଲ୍ ୨ (ଏଚଏସଏମ-୨) ମଧ୍ୟ ଉପରୋକ୍ତ ଅବଧି ମଧ୍ୟରେ ସର୍ବୋତମ ଫଳାଫଳ ହାସଲ କରି ସମାନ ସଫଳତା ଲାଭ କରିଛି। ଏଚଏସଏମ-୨ ଉକ୍ତ ସମୟ ମଧ୍ୟରେ, ମୋଟ ୨୬,୭୦,୨୪୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରି ୪.୩ % ଅଭିବୃଦ୍ଧି ହାର ହାସଲ କରିଥିଲା। ଏଚଏସଏମ-୨ ର ନୂତନ ସିଟ୍ ସିୟରିଂ ଲାଇନ (ଏସଏସଏଲ) ମଧ୍ୟ ୩,୧୪,୩୫୬ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ସର୍ବୋନ୍ନମ ଆର୍ଥିକ ପ୍ରଦର୍ଶନ ପଞ୍ଜିକୃତ କରିଛି। ଯାହା ଗତ ବର୍ଷର ସମ ଅବଧି ତୁଳନାରେ ୧୮.୭% ଅଭିବୃଦ୍ଧି ଅଟେ। ଆମ ପ୍ରତିରକ୍ଷା କ୍ଷେତ୍ରକୁ ଯୋଗାଣ କରୁଥିବା ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନରେ, ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଂଟ ସର୍ବୋତମ ୩୯୦୫ଟନ୍ ର ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନ କରି ୨୦୧୭- ୧୮ ଆର୍ଥିକ ବର୍ଷରେ ହାସଲ କରାଯାଇଥିବା ସର୍ବୋତମ ୩୩୬୬ ଟନ୍ ପରିସଂଖ୍ୟାନକୁ ଅତିକ୍ରମ କରିଛି। ସେହିପରି, ଚଳିତ ଆର୍ଥିକ ବର୍ଷରେ ଆରଏସପି ୪୧,୬୫,୨୨୨ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି ଯାହା ଗତ ବର୍ଷର ଉତ୍ପାଦନ ସଂଖ୍ୟା ୪୦,୮୦,୪୫୧ଟନ୍ କୁ ଅତିକ୍ରମ କରି ୨.୧% ସ୍ଥିର ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛି। ଏହା ଉଲ୍ଲେଖନୀୟ ଯେ, ସଦ୍ୟ ସମାପ୍ତ ଆର୍ଥିକ ବର୍ଷରେ, ଆରଏସପି ଟେକ୍ନୋ-ଅର୍ଥନୈତିକ ପରିମାପକ ରେ ନୂତନ ମାନଦଣ୍ଡ ମଧ୍ୟ ସୃଷ୍ଟି କରିଛି। କଠୋର କାର୍ଯ୍ୟ ଶୃଙ୍ଖଳା ଏବଂ ଉତ୍କୃଷ୍ଟ ମୂଲ୍ୟ ନିପୁଣତାର ଧାରା ପାଳନ କରି ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସରେ ସର୍ବୋତମ କୋକ୍ ହାର, ବିଏଫ ଉତ୍ପାଦକତା ଏବଂ କୋଇଲାରୁ ଉତପ୍ତ ଧାତୁ ଉତ୍ପାଦନ ହାର ରେ ନୂତନ ଶିଖର ଛୁଇଁଛି। ସେହିପରି ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ, ମୋଟ ସର୍ବୋନ୍ନମ ଧାତୁ ବ୍ୟବହାର ପଞ୍ଜୀକୃତ କରିଛି। ସେହିପରି ଆରଏସପି, ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ଏବଂ ଜଳ ବ୍ୟବହାରରେ ମଧ୍ୟ ନୂତନ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସୂଚନା ଯୋଗ୍ୟ, ଏହି ପ୍ରଭାବଶାଳୀ ପ୍ରଦର୍ଶନ ସହିତ ଆରଏସପି, ଉତ୍ପାଦନ ଏବଂ ଟେକ୍ନୋ ଅର୍ଥନୈତିକ ପରିମାପକ ଉଭୟରେ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଚଳିତ ବର୍ଷ ନିମନ୍ତେ ସ୍ଥିରିକୃତ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଆତ୍ମବିଶ୍ୱାସୀ ଅଟେ। ଆଗାମୀ ଦିନରେ ଆରଏସପି, ନୂତନ ଉତ୍ପାଦ ବିକାଶ, ଷ୍ଟକ୍ ହ୍ରାସ, ରାଜସ୍ୱ ସର୍ବାଧିକରଣ ଏବଂ ଅପଚୟର ଲାଭଦାୟକ ବିନିଯୋଗ ରେ ବିଶେଷ ପ୍ରୋତ୍ସାହନ ସହିତ ଲାଭଦାୟକତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି।